## ସଂକ୍ଷେପରେ

### ଚୋରା ମଦ ବେପାରୀ ଗିରଫ

ରୁପ୍‌ସା/ବସ୍ତା,୨୮।୧୨(ଡି.ଏନ.ଏ./ସ୍ୱ.ପ୍ର.)- ସିଂଲା ଥାନା ଅଞ୍ଚଳରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢ଼ାଉ କରାଯାଇଛି। ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ଫୋର୍ସମେଣ୍ଟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଶତ୍ରୁଘ୍ନ ସେଠୀଙ୍କ ନେତୃତ୍ୱରେ ଡିଏସ୍‌ପି ସେକ୍ ଆସଫ ଅଲ୍ଲୀ, ବସ୍ତା ଅବକାରୀ ଥାନାଧିକାରୀ ଆନ୍‌ପା ମାରାଣ୍ଡି, ବାଲେଶ୍ୱର-୨ ଥାନାଧିକାରୀ ଅର୍ଜୁନ କୁମାର ମଲ୍ଲିକ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରି ମସଡ଼ା ଗ୍ରାମର ମଦ ବ୍ୟବସାୟୀ କଲିମୁଦ୍ଦିନ ଖାଁଙ୍କୁ ଗିରଫ କରିଥିଲେ। ତାଙ୍କ ବାସଭବନରୁ ୬ଟି ମୋଟର ଟ୍ୟୁବ୍‌ରେ ଭର୍ତ୍ତି ହୋଇଥିବା ୪୨୦ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଛି। ଦୀର୍ଘଦିନ ଧରି ସେ ବେଆଇନ୍ ଭାବେ ମଦ ବ୍ୟବସାୟ ଚଳାଇ ଆସୁଥିବା ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ୨୯ ଜଣିଆ ଅବକାରୀ ଥାନା ପୋଲିସ ଓ ଏପିଆର୍ ପୋଲିସ ଫୋର୍ସ ସହ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ବସ୍ତା ଅବକାରୀ ଥାନାରେ ମାମଲା (ନଂ. ୮୨/୧୯-୨୦) ରୁଜୁ ହୋଇ ଗିରଫ କଲିମୁଦ୍ଦିନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ବେଆଇନ ମଦ କାରବାର ସମ୍ପର୍କରେ ପୋଲିସ ତଦନ୍ତ ଜାରି ରହିଛି।

### ଗାଁ କଲ୍ୟାଣ ସମିତି କର୍ମଶାଳା

ଔପଦା,୨୮।୧୨(ଡି.ଏନ.ଏ.)- ଔପଦାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪ ଗୋଟି ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଆଶା, ଓାର୍ଡସଭ୍ୟ ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ଗାଁ କଲ୍ୟାଣ ସମିତି କର୍ମଶାଳା ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ତଲକିଆ, ଗଡସାହି, ଅଘିରାପଦା ଓ ବଡପୋଖି ପଞ୍ଚାୟତରେ ଥିବା ୫୧ ଟି ଗାଁ କଲ୍ୟାଣ ସମିତିର କର୍ମୀମାନେ ଯୋଗଦେଇଥିଲେ। ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ପୂର୍ଣ୍ଣଚନ୍ଦ୍ର ଦାସ ଉପସ୍ଥିତ କର୍ମୀମାନଙ୍କୁ ଗାଁ କଲ୍ୟାଣ ସମିତିକୁ ଆସୁଥିବା ସରକାରୀ ଅର୍ଥ ଗାଁକୁ ପରିମଳ କରିବା ସହ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରେ ଖର୍ଚ୍ଚ କରିବା ପାଇଁ ପରାମର୍ଶ ଦେଇଥିଲେ। ସମିତି ପକ୍ଷରୁ ୧୨ ମାସରେ ପରିମଳ ଦିବସ, ହାତଧୁଆ, ସ୍ୱଚ୍ଛତା ଅଭିଯାନ ପରି ୧୧ ଦିବସ ପାଳନ କରିବା ପାଇଁ କହିଥିଲେ । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଡିଏମ ବିନୟ ରଞ୍ଜନ ରାଉତ ଗାଁ କଲ୍ୟାଣ ସମିତିର ଅର୍ଥ ସୁଚାରୁ ରୂପେ ଖର୍ଚ୍ଚ ହୋଇପାରୁ ନ ଥିବାରୁ ଏଥିପାଇଁ ସଚେତନ ହେବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ତଲକିଆ ସରପଞ୍ଚ ମଧୁସୂଦନ ମଲ୍ଲିକ, ସ୍ଥାନୀୟ ଡାଃ ଜିତେନ୍ଦ୍ର ନାଥ ବେହେରା, ସ୍ୱାସ୍ଥ୍ୟ ସୁପରଭାଇଜର ମନୋଜ ମହାପାତ୍ର, ସ୍ୱାସ୍ଥ୍ୟ ମହିଳା କର୍ମୀ କାନନବାଳା ସାହୁ ଓ ମନୋରମା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

### ରକ୍ତ ପରୀକ୍ଷା ଶିବିର

ବସ୍ତା,୨୮।୧୨(ସ୍ୱ.ପ୍ର.)-ବସ୍ତା ବଜାର ସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଏକ ରକ୍ତ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ତରଫରୁ ପତଞ୍ଜଳିର ହେଲଦି ଲାଇଫ ବାଲେଶ୍ୱର ଶାଖା ସହଯୋଗରେ ୧୪୦ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇ ଔଷଧ ବିତରଣ ବ୍ୟବସ୍ଥା କରାଯାଇଥିଲା।

## ■ ନୀଳଗିରି ଲ୍ୟାମ୍ପରେ ଉତ୍ତେଜନା

# ୩ ଅଧିକାରୀଙ୍କୁ ୩ ଘଣ୍ଟା ଅଟକ

ସଜନାଗଡ଼, ୨୮।୧୨(ଡି.ଏନ.ଏ.)


ଚାଷୀଙ୍କ ଦ୍ୱାରା ଅଟକ ୩ ଅଧିକାରୀ।

ବାଲେଶ୍ୱର ଜିଲା ନୀଳଗିରି ଲ୍ୟାମ୍ପରେ ଶନିବାର ଉତ୍ତେଜନା ଦେଖାଦେଇଛି। ପଞ୍ଜିକରଣରେ ଅନିୟମିତତା ଅଭିଯୋଗ କରି ଚାଷୀମାନେ ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ସମସ୍ୟାର ସମାଧାନ ପାଇଁ ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଚଳିତବର୍ଷ ଧାନବିକ୍ରି ପାଇଁ ଏହି ଲ୍ୟାମ୍ପ ଅଧୀନ କାଂଶ ଓ ଅଯୋଧ୍ୟା ସୋସାଇଟିରେ ବହୁଚାଷୀ ନାମ ପଞ୍ଜିକରଣ ପାଇଁ ସମସ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ହେଲେ ଅଧିକାଂଶ ଚାଷୀ ପଞ୍ଜିକରଣ ତାଲିକାରୁ ବାଦ୍ ପଡ଼ିଥିବାରୁ ଉତ୍ତେଜନା ଦେଖାଦେଇଥିଲା। ଏ ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଯୋଗାଣ ବିଭାଗର ସେକ୍ରେଟାରିଙ୍କୁ ଚାଷୀମାନେ ଅଭିଯୋଗ କରିଥିଲେ। ହେଲେ ବାଦ୍ ପଡ଼ିଥିବା ଚାଷୀଙ୍କ ନାମ ପଞ୍ଜିକରଣ ହୋଇପାରି ନ ଥିଲା। ସରକାରଙ୍କ ତରଫରୁ ଗତ ଅଗଷ୍ଟ ୬ ତାରିଖରେ ପଞ୍ଜିକରଣ ଆରମ୍ଭ ହୋଇଥିଲା ବେଳେ ସେପ୍ଟେମ୍ବର ୧୭ଶେଷ ତାରିଖ ରହିଥିଲା। ଏହି ପଞ୍ଜିକରଣର ଅବଧି ବୃଦ୍ଧି ହୋଇ ସେପ୍ଟେମ୍ବର ୨୨ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ଏହି ସମୟ ମଧ୍ୟରେ ପଞ୍ଜୀକରଣ ହୋଇପାରି ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶନିବାର କାଂଶ ସୋସାଇଟିରେ ଧାନକ୍ରୟ ପାଇଁ କାଂଶ ସୋସାଇଟିର ଶାଖା ପରିଚାଳକ ମନୋଜ କୁମାର ମହାପାତ୍ର ପହଞ୍ଚିଥିଲେ। ହେଲେ ଅଣପଞ୍ଜିକୃତ ଚାଷୀ ଏହାକୁ ବିରୋଧ କରି ଧାନକ୍ରୟ କରିବାକୁ ଦେଇ ନ ଥିଲେ। ଘଟଣାସ୍ଥଳରେ ଭାରପ୍ରାପ୍ତ ଏସ୍‌ଆରସିଏସ୍ ଲକ୍ଷ୍ମୀଧର ରାଉତ ଓ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଉତ୍ତେଜିତ ଚାଷୀ ସନାତନ ବିଶ୍ୱାଳ, ଚିନ୍ତାମଣି ମହାଲିକ, ମନୋରଞ୍ଜନ ଦାସ, ରଘୁନାଥ ଦାସ, ଶିବଶଙ୍କର ମହାପାତ୍ର, କରୁଣାକର ମହାପାତ୍ର, ବନଜା ମହାପାତ୍ର, ଚିତ୍ତରଞ୍ଜନ ରାଉତ, ସୁବାଶିଷ ମହାପାତ୍ର, ସଞ୍ଜୟ ଦଳେଇ, କାର୍ତ୍ତିକ ବେହେରା ପ୍ରମୁଖ ୩ଜଣ ଅଧିକାରୀଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଖବରପାଇ ଅଯୋଧ୍ୟା ଫାଣ୍ଡି ଅଧିକାରୀ ମନୋରଞ୍ଜନ ପୁହାଣ ସଦଳବଳେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପଞ୍ଜିକୃତ ଚାଷୀମାନଙ୍କର ଧାନ କ୍ରୟ କରାଗଲେ ଅଣପଞ୍ଜିକୃତ ଚାଷୀଙ୍କ ଧାନ ମଧ୍ୟ କ୍ରୟ କରାଯାଉ ବୋଲି ଦାବି ହୋଇଥିଲା। ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ନାୟକ ସମସ୍ୟାର ସମାଧାନ ନ ହେଲା ପର୍ଯ୍ୟନ୍ତ ଅଯୋଧ୍ୟା ଓ କାଂଶ ଧାନମଣ୍ଡିରୁ ଧାନ କ୍ରୟ ବନ୍ଦ ରହିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅଟକ ୩ ଅଧିକାରୀଙ୍କୁ ଚାଷୀମାନେ ଛାଡ଼ିଥିଲେ। ଅପରପକ୍ଷରେ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ ବନ୍ଦ କରାଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ■ ଭୋଗରାଇରେ ଏନ୍‌ଆର୍‌ସି, ସିଏଏ ତାତି

# କମ୍ୟୁନିଷ୍ଟର ବିରୋଧ, ଏବିଭିପିର ସମର୍ଥନ



ଏବିଭିପି ପକ୍ଷରୁ ବାହାରିଥିବା ସମର୍ଥନ ଶୋଭାଯାତ୍ରା।

ଭୋଗରାଇ,୨୮।୧୨(ଡି.ଏନ.ଏ.)

ନାଗରିକ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକତ୍ୱ ପଞ୍ଜିକା (ଏନ୍‌ଆର୍‌ସି)କୁ ନେଇ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ପରିସ୍ଥିତି ସରଗରମ ରହିଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓ ଏହାର ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ପକ୍ଷରୁ ଏହାକୁ ବିରୋଧ କରାଯାଇ ଚନ୍ଦନେଶ୍ୱର ବଜାର ବିଜୁ ପଟ୍ଟନାୟକ ଗୋଲେଇରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ଅନ୍ୟପକ୍ଷରେ ଏହି ଆଇନକୁ ସମର୍ଥନ କରି ଏବିଭିପି ପକ୍ଷରୁ ବିଶାଳ ଶୋଭାଯାତ୍ରା କରାଯାଇଛି।

ଚନ୍ଦନେଶ୍ୱର ମାର୍କେଟରେ ଶୁକ୍ରବାର ସନ୍ଧ୍ୟାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓ ଛାତ୍ର ସଙ୍ଗଠନ ଡିଏସ୍‌ଓର ବହୁ କର୍ମୀ, ଛାତ୍ରୀଛାତ୍ର ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ରସରକାର ଦେଶରେ ଗଣତନ୍ତ୍ର ହତ୍ୟା କରି ଫାଶୀବାଦୀ ବ୍ୟବସ୍ଥା କାଏମ କରିବାକୁ ପ୍ରୟାସ କରୁଥିବା କହିଥିଲେ। ଦେଶରେ ଆର୍ଥିକ ଓ ସାମାଜିକ ସ୍ଥିତି ବିଗିଡ଼ି ଯାଇଥିବାବେଳେ ଦେଶବାସୀଙ୍କ ଧ୍ୟାନକୁ ଅନ୍ୟ ଦିଗକୁ ନେବାକୁ କେନ୍ଦ୍ରସରକାର ଏହି କଳା ଆଇନ୍‌କୁ ଲାଗୁ କରି ଦେଶବାସୀଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି ବୋଲି ଏସ୍‌ୟୁସିଆଇ କମ୍ୟୁନିଷ୍ଟର ଜିଲା ସମ୍ପାଦକ ନିରାକାର ପାଣ୍ଡବ, ବ୍ଲକ ସମ୍ପାଦକ ସରୋଜିନୀ ମହାନ୍ତି, ଛାତ୍ରୀନେତ୍ରୀ କ୍ରିଷ୍ଣାରାଣୀ ସାହୁ, ଛାତ୍ରନେତା ଆସମାନ ରାଜ, ହରେକୃଷ୍ଣ ଦାସ ଓ ସପନ ପାତ୍ର ପ୍ରମୁଖ କେନ୍ଦ୍ର ସରକାରକୁ ସମାଲୋଚନା କରିଥିଲେ।

ଅପରପକ୍ଷରେ ଶନିବାର ଏବିଭିପି ପକ୍ଷରୁ ଥାନା ଛକରୁ ଏକ ଶୋଭାଯାତ୍ରା ବାହାରିଥିଲା। ୬୦ମିଟର ଲମ୍ବ ବିଶିଷ୍ଟ ତ୍ରିରଙ୍ଗା ପତାକା ଧରି ସିଏଏ ଓ ଏନ୍‌ଆର୍‌ସି ସପକ୍ଷରେ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରି ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଆନ୍ତଃ ଜିଲା ୟାମାହା କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ

# ୟୁ ଆଣ୍ଡ ମି ଚାମ୍ପିୟନ

ରେମୁଣା, ୨୮।୧୨(ଡି.ଏନ.ଏ.)

ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତର ଯୁବ ଶକ୍ତି କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଠାକୁରା ପଡ଼ିଆଠାରେ ଆନ୍ତଃ ଜିଲା କୃଷ୍ଣ ଚନ୍ଦ୍ର ନନ୍ଦ ସ୍ମାରକୀ ୟାମାହା କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି । ଫାଇନାଲ ଖେଳ ବାଲେଶ୍ୱରର ୟୁ ଆଣ୍ଡ ମି କ୍ରିକେଟ କ୍ଲବ ଏବଂ ବାରିପଦା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୟୁ ଆଣ୍ଡ ମି ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ବାରିପଦା କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୧୧୦ ରନ କରିଥିଲା । ଜବାବ୍‌ରେ ୟୁ ଆଣ୍ଡ ମି ୧୫ତମ ଓଭରରେ ହିଁ ୧୧୨ ରନ କରି ମ୍ୟାଚ ଜିତିବା ସହ ୟାମାହା କପ୍ ଚାମ୍ପିୟନ ହୋଇଥିଲା । ଆୟୋଜିତ ପୁରସ୍କାର ବିତରଣ ସଭାରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ । ଖେଳୁଆଡ଼ ମନୋଭାବ ନେଇ ଖେଳିବାକୁ ସେ ଖେଳାଳୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି, ଜିଲା ଛାତ୍ର ଜନତା ସଭାପତି ସିମନ ଦାସ ମହାପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲୀପ କୁମାର ନାୟକ ଯୋଗ ଦେଇଥିଲେ । ବାରିପଦା କ୍ଲବର ଖେଳାଳି ପ୍ରୀତପାଲ ସିଂହଙ୍କୁ ମ୍ୟାନ ଅଫ ଦି ସିରିଜ୍ ଏବଂ ୟୁ ଆଣ୍ଡ ମିର ବିଶ୍ୱମୋହନ ବାରିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଯୁବ ଶକ୍ତି କ୍ରିକେଟ କ୍ଲବ ସଭାପତି ଶଶିକାନ୍ତ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଗିରିଜା ଶଙ୍କର ଶତପଥି ପ୍ରାରମ୍ଭିକ ଅଭିଭାଷଣ ଏବଂ ସମାଜସେବୀ ମାର୍କଣ୍ଡ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

## ■ ମା' ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ

# କୁପାରୀ ବ୍ଲାକ୍‌କୋବ୍ରା ଓ ବାଲେଶ୍ୱର ଆମଓ୍ୱେ ବିଜୟୀ

ଖଇରା,୨୮।୧୨(ଡି.ଏନ.ଏ.)

ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀରାମପୁର ଖେଳ ପଡିଆରେ ୨୫ତମ ମା' ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଖଇରା ଥାନାର ଆଇଆଇସି ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଜେନ୍ଦ୍ର ନାଥ ସେଠୀ, କାଶୀନାଥ ମୁଦୁଲୀ, ସିଆରସିସି ଶରତ ଚନ୍ଦ୍ର ପଣ୍ଡା, କ୍ଷେତ୍ରମୋହନ ବିଶ୍ୱାଳ, କ୍ରିକେଟ ଆସୋସିଏଶନ ସଭାପତି ବିଷ୍ଣୁମୋହନ ମୁଦୁଲି, ସମ୍ପାଦକ ଭୀମସେନ ଧାଉଡିଆ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ କୁପାରୀର ବ୍ଲାକକୋବ୍ରା ବାହାନଗାର ସାଇ ଲିଟଲଷ୍ଟାରକୁ ୮ ଉଇକେଟରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ବାଲେଶ୍ୱର ଆମଓ୍ୱେ ଔପଦା ଇଲେଭେନ ଷ୍ଟାରକୁ ୭ ଉଇକେଟରେ ପରାସ୍ତ କରିଥିଲା। ତାପସ କୁମାର ମୁଦୁଲି ଓ ରାଜେନ୍ଦ୍ର ସେଠୀ ମ୍ୟାଚ ପରିଚାଳନା କରିଥିଲେ। ରବିବାର ପ୍ରଥମ ମ୍ୟାଚରେ ତୁଡିଗଡିଆ ଏମବିସି ଆଗରପଡାର ଜେସିସି ଏବଂ ୨ୟ ମ୍ୟାଚରେ ସୋର ବ୍ଲେଣ୍ଡର ସ୍ମାଇଟ ନୁଦୁଡିଆର ଏନସିସିକୁ ଭେଟିବାର କାର୍ଯ୍ୟକ୍ରମ ଅଛି।

## ■ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

# 'ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'


ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ,୨୮।୧୨

ଶ୍ରୀମାଅରବିନ୍ଦଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହୁଅ। ତାଙ୍କ ଜୀବନ ଆଦର୍ଶକୁ ମାର୍ଗଦର୍ଶନ କରି ଶୃଙ୍ଖଳିତ ଓ ସଂସ୍କାରିତ ହେଲେ ଛାତ୍ରସମାଜ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହେବେ ବୋଲି ମୁଖ୍ୟଅତିଥି ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସାରଗାଁସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପର୍ଶୁରାମ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଡ. ଭାଗବତ ପ୍ରସାଦ ଦାସ, ସମ୍ମାନନୀୟ ଅତିଥି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶ, ଜିଲାପରିଷଦ ସଦସ୍ୟ ସୁଧାଂଶୁ ଶେଖର ପଣ୍ଡା ଓ ସରପଞ୍ଚ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ଭବିଷ୍ୟତରେ ଭଲ ମଣିଷ ହେବା ଦିଗରେ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ବିଦ୍ୟାଳୟ ପରିସରରେ ନବନିର୍ମିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନପୂର୍ବକ ମାଲ୍ୟାର୍ପଣ କରିଥିଲେ। ପ୍ରାକ୍ତନ ଶିକ୍ଷକ ଶତ୍ରୁଘ୍ନ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ସରପଞ୍ଚ ନାୟକ ଉଜ୍ଜ୍ୱଳ ଆଲୋକ ଉଦ୍‌ଘାଟନ କରିଥିଲେ। ଉଚ୍ଚ ବିଦ୍ୟାପୀଠର ପ୍ରଥମ ପ୍ରଧାନଶିକ୍ଷକ ମହେଶ୍ୱର ରାଉତଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍ମାରକୀ ଉଦ୍‌ଘାଟିତ ହୋଇଥିଲା। ପୁରାତନ ଛାତ୍ର ସଂସଦ ଦ୍ୱାରା ଗୁରୁପୂଜନ କରାଯାଇ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ■ ଚାରୁ ଓ କାରୁକଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ

# ଭାରତର କଳା, ସଂସ୍କୃତି ସ୍ୱତନ୍ତ୍ର

ବାଲେଶ୍ୱର ଅଫିସ,୨୮।୧୨

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଡିନ୍ ଡ. ଦୀପ୍ତି ପ୍ରକାଶ ମହାନ୍ତି ଯୋଗଦେଇ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଭାରତ ଭୂଖଣ୍ଡରେ ଏକ କଳାର ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଲଳିତକଳା ଏକାଡେ଼ମୀର ସମ୍ପାଦକ ଗଜେନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଶାର କଳା, ଭାସ୍କର୍ଯ୍ୟ ଓ ଐତିହ୍ୟ ବିଷୟରେ ଧାରଣା ଦେବା ସହ ଏହାକୁ ଆଗକୁ ବଢ଼ାଇ ନେବା ପାଇଁ ଆହ୍ୱାନ ଦେଇଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ବାର୍ଷିକ ବିବରଣୀ ପାଠ କରି ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଭାକୁ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ହିମାଂଶୁ ଦାସ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚକୋଟୀର ଚିତ୍ର ଶିଳ୍ପୀ ହୋଇ ମହାବିଦ୍ୟାଳୟର ଗରିମାକୁ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍ସବରେ ଗତ ୨୪ତାରିଖଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ପରିଚାଳିତ ଚିତ୍ରଶିଳ୍ପୀ କର୍ମଶାଳାରେ ଯୋଗଦାନ କରିଥିବା ୧୫ଜଣ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶୁକ୍ରବାର ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଫକୀରମୋହନ ସରକାରୀ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ପ୍ରତାପ କୁମାର ରଥ ଯୋଗଦେଇ ସମଗ୍ର ବିଶ୍ୱରେ ଭାରତର କଳାସଂସ୍କୃତି ସ୍ୱତନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଦିଲ୍ଲୀର ବିଶିଷ୍ଟ ଚିତ୍ରଶିଳ୍ପୀ ସମ୍ପା ସରକାର ଦାସ ଓ ଅସିତ୍ ପଟ୍ଟନାୟକ ଯୋଗଦେଇ ସମାଜରେ ଘଟୁଥିବା ଘଟଣାବଳୀକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ତେଲଙ୍ଗାନାର ବିଶିଷ୍ଟ ଚିତ୍ରଶିଳ୍ପୀ ଲକ୍ଷ୍ମଣ ଆଲେ ତେଲଙ୍ଗାନାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ପର୍କିତ ଏକ ପୁସ୍ତକ କଳାକ୍ଷେତ୍ରର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଦାସଙ୍କ ରଚିତ ସୌନ୍ଦର୍ଯ୍ୟ ଶାସ୍ତ୍ର ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କଳା ପ୍ରଦର୍ଶନୀରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ପରିଚାଳନା ସମିତିର ସଦସ୍ୟ ଗୌରୀଶଙ୍କର ନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ଡ. ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩ଦିନ ବ୍ୟାପୀ ଜାତୀୟସ୍ତରୀୟ ଚିତ୍ର କର୍ମଶାଳା ଉଦ୍‌ଘାଟିତ ହୋଇଥିଲା। ଅଙ୍କିତା ମିଶ୍ର, ଶଶାଙ୍କ ଶେଖର ଦାସ, ସଙ୍ଗୀତ ସାମନ୍ତରାୟ, ଅବନୀନ୍ଦ୍ର କର, ସୁଜିତ କୁମାର ଦାସ, ସରିତା ମହାନ୍ତି, ମୃତ୍ୟୁଞ୍ଜୟ ପଲେଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ଉତ୍ସବରେ 'ସୌନ୍ଦର୍ଯ୍ୟ ଶାସ୍ତ୍ର' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

### ୧୫ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

## ଅନ୍‌ଲାଇନରେ ଛୁଟି ଆବେଦନ ବ୍ୟବସ୍ଥା କର୍ମଶାଳା

ବାଲେଶ୍ୱର ଅଫିସ, ୨୮।୧୨

ବାଲେଶ୍ୱର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ସରକାରୀ କର୍ମଚାରୀଙ୍କ ପାଇଁ ଅନ୍‌ଲାଇନରେ ଛୁଟି ଆବେଦନ ବ୍ୟବସ୍ଥାର ଦୁଇଦିନିଆ କର୍ମଶାଳା ଶୁକ୍ରବାର ଆରମ୍ଭ ହୋଇଛି। ଏଚ୍‌ଆର୍‌ଏମ୍‌ଏସ୍ ଜିଲା ସଂଯୋଜକ ଅପୂର୍ବ ରାୟ ଉପସ୍ଥିତ ଅଧିକାରୀ ଓ ବିଭାଗୀୟ କର୍ମଚାରୀମାନଙ୍କୁ ଅନଲାଇନରେ ଅନୁସୃତ ପ୍ରକ୍ରିୟା ସମ୍ପର୍କରେ ଅବଗତ କରିଥିଲେ। ଛୁଟି ସଂକ୍ରାନ୍ତୀୟ ଆବେଦନ ପରେ ବିଭାଗୀୟ ଅଧିକାରୀ ଦରଖାସ୍ତ ମଞ୍ଜୁର, ଖାରଜ ବା ଉପରିସ୍ଥ ଅଧିକାରୀଙ୍କ ବିଚାର ନିମନ୍ତେ ପଠାଇପାରିବାର ବ୍ୟବସ୍ଥା ଏଥିରେ ରହିଛି। ମଞ୍ଜୁରୀପ୍ରାପ୍ତ ଛୁଟିଗୁଡ଼ିକର ସମସ୍ତ ତଥ୍ୟ କର୍ମଚାରୀଙ୍କ ସେବା ପୁସ୍ତକରେ ଲିପିବଦ୍ଧ ରହିବ। ମୋଟ୍ ୪ଟି ବ୍ୟାଚ୍‌ରେ ଜିଲାର ସମସ୍ତ କାର୍ଯ୍ୟାଳୟର ଉଠାଣ ଓ ବିତରଣ ଅଧିକାରୀ ତଥା ବିଲ୍ ପ୍ରସ୍ତୁତିରେ ସାମିଲ କର୍ମଚାରୀମାନଙ୍କୁ ଏହି ତାଲିମ ଦିଆଯାଇଛି । ଆସନ୍ତା ଜାନୁୟାରୀ ପହିଲାରୁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କ ନିମନ୍ତେ ଅନ୍‌ଲାଇନ ଛୁଟି ଦରଖାସ୍ତ ବ୍ୟବସ୍ଥା ଲାଗୁ ହେବାର ନିର୍ଦ୍ଦେଶ ଜାରି ହୋଇଛି। ସମସ୍ତ କର୍ମଚାରୀଙ୍କର ସେବା ପୁସ୍ତକଗୁଡ଼ିକ ଅନଲାଇନରେ ଅପଡେଟ୍ ହେବା ସହିତ ପିଏଆର୍ ସମ୍ବଳିତ ତଥ୍ୟ ଅନୁସାରେ ସମୟାନୁଯାୟୀ ପଦୋନ୍ନତି ଏବଂ ଅବସର ସମୟରେ ପେନ୍‌ସନ ଦିଆଯାଇପାରିବ, ଯାହା ସରକାରଙ୍କ '୫ଟି'ର ଏକ ଅଂଶବିଶେଷ। ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀମାନେ ମାନବ ସମ୍ବଳ ପୋର୍ଟାଲ 'ଏଚ୍‌ଆର୍‌ଏମ୍‌ଏସ୍' ମାଧ୍ୟମରେ ଯେ କୌଣସି ଛୁଟି ନିମନ୍ତେ କିପରି ଆବେଦନ କରିପାରିବେ ସେନେଇ ତାଲିମ ପ୍ରଦାନ କରାଯାଇଥିଲା।

BABA POLY CLINIC
NEAR CENTRAL BANK, ASTAL, NAYA BAZAR, BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. RAJESH SENAPATI | (ହାଡ଼ ଓ ଗଣ୍ଠି ରୋଗ) ପ୍ରତି ସପ୍ତାହ ମଙ୍ଗଳବାର ଓ ଶନିବାର ସକାଳ ୧୦ଟାରୁ ୨ଟା |
| DR. N.K. PATHI (Kolkata) | (ଆଣ୍ଠୁ ଓ ଗଣ୍ଠି ରୋଗ) ପ୍ରତ୍ୟେକ ସପ୍ତାହ ବୁଧବାର ଓ ରବିବାର ସକାଳ ୧୦ଟାରୁ ୨ଟା |
| DR. GIRIJA SHANKAR MOHANTA (Cuttack) | (କାନ, ନାକ ଓ ଗଳା ବିଭାଗ) ପ୍ରତ୍ୟେକ ବୁଧବାର ସକାଳ ୧୦ଟାରୁ ୧ଟା |
| DR. DEBASISH NANDA (BBSR) | (ମୁଣ୍ଡ ଏବଂ ଗଳା ବିଭାଗ) ପ୍ରତ୍ୟେକ ରବିବାର ସକାଳ ୯ଟାରୁ ୧୨ଟା |
| DR. RITESH KUMAR BHOOT (BBSR) | (ସ୍ନାୟୁ ବିଭାଗ), ପରାମର୍ଶ ସମୟ: ପ୍ରତ୍ୟେକ ମାସ ୨ୟ ବୁଧବାର ସକାଳ ୧୧ଟାରୁ ୧ଟା ଓ ମାସ ୪ର୍ଥ ରବିବାର ୧୧ଟାରୁ ୧ଟା |
| DR. DHIRAJ KUMAR PANDA (BBSR) | (ମଧୁମେହ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ମାସ ୩ୟ ଶୁକ୍ରବାର ଦିବା ୧୧ଟାରୁ ୧ଟା |
| DR. CHANDAN KU. RAY MOHAPATRA (BBSR) | (ହୃଦ୍ ବିଭାଗ) ପ୍ରତ୍ୟେକ ମାସ ୩ୟ ରବିବାର ଦିବା ୧୦ଟାରୁ ୧ଟା |

**OFFICE OF THE ANTARA SERVICE CO-OPERATIVE SOCIETY LTD., ANTARA**
**AT/PO-ANTARA, VIA-ADA, DIST-BALASORE**

**NOTICE FOR RECRUITMENT TO THE POST OF CHIEF EXECUTIVE OF ANTARA SERVICE CO-OPERATIVE SOCIETY LTD.UNDER KHAIRA BLOCK, BALASORE**

Applications are invited for one Post of Chief Executive of Antara Service Co-operative Society Ltd., Antara from the eligible candidates as per criteria mentioned below.

**Scale of Pay:** Rs.5200-20200/- with Grade Pay Rs.1900/- per month (DA and other allowances are admissible subject to the financial condition of the Society)

**Eligibility:-**The candidates must belong to area of operation of Antara Service Co-operative Society Ltd. provided that if suitable candidate is not available within the area of operation of the society. Candidates belong to the Khaira block,Balasore shall be considered and in the event of non availability of candidates in Khaira Block area then candidates belonging to the Balasore district shall be considered for the purpose.

**Qualification:-** The minimum educational Qualification of the candidates should be Graduate or +3 Arts, Science or Commerce from any recognized University with computer proficiency. Preference shall be given to the Candidates having Higher Diploma in Co-operative Management /M.A/Msc./M.Com/M.C.A/M.B.A/B.C.A/B.B.A/ Diploma in Co-operative Management and Computer Application from a recognized university/institution. **Mode of Selection:-**The Selection will be made by the Appointment Committee on the basis of academic career of the candidates on a 100 point scale. The candidates will be awarded points on the basis of percentage of marks secured in HSC/+2/+3 Examination. However additional points shall be awarded to the candidates having additional qualifications. **Age:-**The age of the candidates should not be less than 21 years or more than 32 years on the 1st Day of the April Calendar year in which recruitment is made. Provided that upper age limit shall be 37 years in respect of persons belonging to SC/ST/OBC including SEBC/Ex-Serviceman. The upper age limit shall be 45 years in respect of the person employed in any Co-operative Society.

**Last Date of receipt of Application: - Dt.13-01-2020 up to 5 P.M.**

Application form can be obtained in person from the office of the Antara Service Co-operative Society Ltd. on payment of Rs.100/- from 11 A.M to 2 P.M except holidays. The applications duly filled in along with the required documents and receipts in support of deposit of requisite fees be sent by Regd. Post with AD to the official address of the Secretary, Antara Service Co-operative Ltd. by 5 P.M. of 13-01-2020.

The application received after the date line shall not be entertained and the Authority shall not be responsible for the postal delay.

The authority reserves the right to cancel one or all applications without assigning any reason thereof.

For more details please contact the I/C Secretary, Antara Service Co-operative Society Ltd.

**President/Chairman, Antara Service Co-operative Society Ltd.**

## ସଂକ୍ଷେପରେ

### ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

**ଭଣ୍ଡାରିପୋଖରୀ, ୨୮।୧୨ (ଡି.ଏନ୍.ଏ.):** ଭଣ୍ଡାରିପୋଖରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ୭ଦିନ ଧରି ପୌଷ୍ୟରାମ ମନୋହର ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ୨୫ଜଣ ଶିବିରାର୍ଥୀ ଗ୍ରାମ୍ୟ ରାସ୍ତା, ମନ୍ଦିର, ବିଜୁ ଉଦ୍ୟାନ, ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫା କରିଥିଲେ। ଏଥିସହ ସ୍ୱଚ୍ଛ ଭାରତ, ପଲିଥିନ ବର୍ଜନ ଓ ହେଲ୍‌ମେଟ ସଚେତନତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଜନା ଅଧିକାରୀ ମମିତାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ସଂଯୋଜକ ଡ. ଦୀପକ କୁମାର ବେହେରା ଶିବିର ପରିଦର୍ଶନ କରି ଶିବିରାର୍ଥୀମାନଙ୍କୁ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ଓ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଅଧକ୍ଷ ଭରତ ଚନ୍ଦ୍ର କରଣ, ଅଧାପକ ଆନନ୍ଦ ଚନ୍ଦ୍ର ନାୟକ, ଦିଲୀପ କୁମାର ନାୟକ, ଅଶୋକ ଜେନା, ପ୍ରଣବ ବେହେରା ଓ ଭୀମସେନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଡିଓ ବନମାଳୀ ତରାଇ ଓ ଶିକ୍ଷୟିତ୍ରୀ ବୀଣାପାଣି ରଥ ଶିବିରାର୍ଥୀମାନଙ୍କୁ ଉଦ୍‌ବୋଧନ ଦେବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ।

### ଭଲିବଲ ଟୁର୍ଣ୍ଣାମେଣ୍ଟ: ଅମରନଗର ବିଜୟୀ

**ଭଦ୍ରକ ଅଫିସ, ୨୮।୧୨:** ଆଦାନୀ ଧାମରା ବନ୍ଦର ପକ୍ଷରୁ ଦୋସିଙ୍ଗା ବଜାରଠାରେ ଦୁଇଦିନିଆ ପଞ୍ଚାୟତସ୍ତରୀୟ ଦ୍ୱାଦଶ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବନ୍ଦର ପାର୍ଶ୍ୱବର୍ତ୍ତୀ ୮ ପଞ୍ଚାୟତର ୧୦ ଦଳ ଏଥିରେ ଭାଗ ନେଇଥିଲେ। ଦୋସିଙ୍ଗା ପଞ୍ଚାୟତର ଅମରନଗର ଟିମ୍ କରଣପଲ୍ଲୀ ଦଳକୁ ୨୫.୨୧ସେଟ୍‌ରେ ହରାଇ ବିଜୟୀ ହୋଇଛି। ଭଦ୍ରକ ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ଦାସ ବିଜୟୀ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

# ଷ୍ଟାଣ୍ଡିଂ କମିଟିର ବିଦ୍ୟୁତ୍ ବିଭାଗ କାର୍ଯ୍ୟ ସମୀକ୍ଷା

- ନୈରାଶ୍ୟଜନକ କାର୍ଯ୍ୟକୁ ନେଇ ଉଦ୍‌ବେଗ
- ବର୍ଷ ବର୍ଷ ଧରି ସରୁନି ସବ୍‌ଷ୍ଟେଶନ ନିର୍ମାଣ କାମ
- ତୁରନ୍ତ ସାରିବାକୁ ତାଗିଦ୍


ପାଣ୍ଟିକା ପରିସରରେ ସମୀକ୍ଷା ବୈଠକରେ ଷ୍ଟାଣ୍ଡିଂ କମିଟି ସଦସ୍ୟ, ଜିଲାପାଳ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୮।୧୨**

ବିଧାନସଭା ଷ୍ଟାଣ୍ଡିଂ କମିଟି ଶନିବାର ଭଦ୍ରକ ଜିଲାରେ ବିଦ୍ୟୁତ୍ ବିଭାଗ ଅଧୀନରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଫେରିଛି। ଏହି ଟିମ୍ ପାଣ୍ଟିକା ପରିସରରେ ଓପିଟିସିଏଲ୍, ନେସ୍କୋ, ଠିକା ଏଜେନ୍ସି ଓ ପ୍ରଶାସନିକ ଅଧିକାରୀଙ୍କ ସହ ବିଭିନ୍ନ ଆଲୋଚନା କରିଥିଲା। ଏହାପରେ ଆଗରପଡ଼ା ଓ ଭଦ୍ରକ ବାଗୁରାଇଠାରେ ନିର୍ମାଣାଧୀନ ସବ୍‌ଷ୍ଟେଶନ କାର୍ଯ୍ୟ ବୁଲି ଦେଖିଥିଲେ। ସବ୍‌ଷ୍ଟେଶନ ନିର୍ମାଣ କାର୍ଯ୍ୟ ଆଶାନୁରୂପ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେଉ ନ ଥିବାରୁ କମିଟି ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟତଃ ଶିଳ୍ପାଞ୍ଚଳ ଧାମରା ଓ ଚାନ୍ଦବାଲି ଅଞ୍ଚଳରେ ସବ୍‌ଷ୍ଟେଶନ ନିର୍ମାଣ କରାଯାଇଥିଲେ ମଧ୍ୟ ବିଭାଗର ଖାମଖିଆଲି ନୀତି ଯୋଗୁ ଲୋକେ ସମସ୍ୟା ଭୋଗୁଥିବା କୁହାଯାଇଥିଲା। ଆଗାମୀ ୨୦ ବର୍ଷକୁ ଦୃଷ୍ଟିରେ ରଖି ବର୍ଦ୍ଧିତ ଶିଳ୍ପ ପାଇଁ ଆବଶ୍ୟକ କରୁଥିବା ବିଦ୍ୟୁତ୍ ସମସ୍ୟାକୁ ତର୍ଜମା କରି ଧାମରାରେ ଉଚ୍ଚକ୍ଷମତା ସମ୍ପନ୍ନ ସବ୍‌ଷ୍ଟେଶନ ପ୍ରତିଷ୍ଠା ଲାଗି ପରାମର୍ଶ ଦିଆଯାଇଥିଲା। ସେହିପରି ଭଦ୍ରକ ଜିଲା ପାଇଁ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ନୂତନ ଟ୍ରାନ୍ସଫର୍ମର ଷ୍ଟକ୍ ପଏଣ୍ଟ ପ୍ରତିଷ୍ଠା ସକାଶେ ପରାମର୍ଶ ଦିଆଯାଇଥିଲା। ତିହିଡ଼ିର ଗଦି, ବାସୁଦେବପୁରର ପଦ୍ମପୁର, ବାରାପୁର, ବାଲିମୁଣ୍ଡା, ବନ୍ତର ନିଳୋକ, ଧାମନଗର ରାଣୀପୋଖରୀ, ଭଦ୍ରକର ବିଜେଗାଁଧରପୁର ଓ ତଳାଙ୍ଗ ଆଦି ସ୍ଥାନରେ ସବ୍‌ଷ୍ଟେଶନ କାର୍ଯ୍ୟ ତୁରନ୍ତ ସାରିବା ପାଇଁ କମିଟି ସଦସ୍ୟମାନେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ସରକାରଙ୍କ ସୌଭାଗ୍ୟ ଯୋଜନାର ସୁଫଳ ଲୋକେ ପାଇପାରୁ ନ ଥିବା, ଉପଭୋକ୍ତା ମୁତାବକ ଟ୍ରାନ୍ସଫର୍ମର ଲଗାଯାଉ ନ ଥିବା ତଥା ଆବଶ୍ୟକ ସବ୍‌ଷ୍ଟେଶନ କ୍ଷମତା ବଢ଼ାଯାଉ ନ ଥିବା ନେଇ ବିଭାଗୀୟ କର୍ମକର୍ତ୍ତାଙ୍କୁ ତାଗିଦ୍ କରିଥିଲେ। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଲୋକଙ୍କ କାମରେ ଲଗାଇବାକୁ କମିଟି ସଦସ୍ୟମାନେ ନିର୍ଦ୍ଦେଶ ଦେଇଥିଲେ।

ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭୋଗରାଇ ବିଧାୟକ ଅନନ୍ତ ଦାସ, ଭଦ୍ରକ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, କେନ୍ଦୁଝର ବିଧାୟକ ମୋହନ ମାଝୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖ କମିଟିରେ ସାମିଲ ଥିଲେ। ପ୍ରଶାସନ ପକ୍ଷରୁ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ନେସ୍କୋ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର(ନର୍ଥ) ଦେବାଶିଷ ଜେନା, ଏସ୍‌ଡିଓ ଗୌରହରି ମଣ୍ଡଳ, ପ୍ରଭାସ ବିଶ୍ୱାଳ, ଓପିଟିସିଏଲ୍‌ର ଜେନେରାଲ ମ୍ୟାନେଜର ଶକ୍ତିପ୍ରସାଦ ଦାଶ, ଡିଜିଏମ୍ ପ୍ରବୀର ମଲ୍ଲିକ, ଏଜିଏମ୍ ଆଦିତ୍ୟ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ମଳୟ ଯେନାଙ୍କ ସହ ଓପିଟିସିଏଲ୍ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଆଗରପଡ଼ା ବିଦ୍ୟୁତ୍ ଉପକେନ୍ଦ୍ର ପରିଦର୍ଶନ

**ବନ୍ତ, ୨୮।୧୨ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାଠାରେ ନିର୍ମାଣାଧୀନ ଥିବା ୧୩୨/୩୩ କେଭି ବିଦ୍ୟୁତ୍ ଉପକେନ୍ଦ୍ରକୁ ଶନିବାର ବିଧାନସଭା ଷ୍ଟାଣ୍ଡିଂ କମିଟି ପରିଦର୍ଶନ କରିଛି। ଷ୍ଟାଣ୍ଡିଂ କମିଟିର ଏହି ଟିମ୍ ବିଦ୍ୟୁତ୍ ଉପକେନ୍ଦ୍ରରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିବା ସହିତ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୨କୋଟି ଟଙ୍କାର ଉକ୍ତ ପ୍ରକଳ୍ପ କାର୍ଯ୍ୟ ୨୦୧୬ରୁ ଆରମ୍ଭ ହୋଇଥିବାବେଳେ ନିର୍ମାଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୋଟିଏ ସବଗ୍ରୀଡ୍‌କୁ ଚାର୍ଜ ସରିଥିବାବେଳେ ବାକି ୩ଟିକୁ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଚାର୍ଜ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ଷ୍ଟାଣ୍ଡିଂ କମିଟି ଆଗରେ ପ୍ରକାଶ କରିଥିଲେ। ଏହି ଉପକେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ସମ୍ପୃକ୍ତ ଅଞ୍ଚଳର ଲୋଭୋଲଟେଜ ଓ ବିଦ୍ୟୁତ୍ କାଟ୍ ସମସ୍ୟା ଦୂର ହୋଇପାରିବ ବୋଲି କୁହାଯାଇଛି। ନେସ୍କୋର ଏସ୍‌ଇ ସୁରେଶ ସାହୁ, ନିର୍ବାହୀ ଯନ୍ତ୍ରୀ ରଶ୍ମିରଞ୍ଜନ ବେହେରା, ସିନିୟର ଜିଏମ୍ ସୁଦର୍ଶନ ସାହୁ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଜିଲାପରିଷଦ ପ୍ରଶାନ୍ତ କୁମାର ଦାଶ, ଏମ୍‌ପିଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି, ସମିତିସଭ୍ୟ ଦିଲୀପ ପୁହାଣଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ମୁନି ସମାଜର ବାର୍ଷିକ ମହାଧିବେଶନ

**ବନ୍ତ, ୨୮।୧୨ (ଡି.ଏନ.ଏ.):** ବନ୍ତ ବ୍ଲକ ଷେଣ୍ଢୀରାସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ ପରିସରରେ ଶନିବାର ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ(ଓଡ଼ିଶା ପ୍ରାନ୍ତ)ର ବାର୍ଷିକ ମହାଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଯୋଗାଚାର୍ଯ୍ୟ ଲେଖକ ଶଶଧର ମୁନିଜୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲା ମୁନି ସମାଜର ସଭାପତି ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ସମ୍ପାଦକ ଧ୍ରୁବଚରଣ ମୁନି, ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଅନନ୍ତ ମୁନି, ସହସମ୍ପାଦକ ମୀନକେତନ ପଣ୍ଡା, ବାଇଧର ମୁନି, ଗୀତାଞ୍ଜଳି ପାଣିଗ୍ରାହୀ, ସରପଞ୍ଚ ପ୍ରେମଲତା ପ୍ରଧାନ, ପ୍ରେମାନନ୍ଦ ନାୟକ, ଭାସ୍କର ଚନ୍ଦ୍ର ପାଢ଼ୀ, ପୀତାମ୍ବର ପହି, ଓଡ଼ିଶା ପ୍ରାନ୍ତ ଉପସଭାପତି ଉଗ୍ରେସେନ ମୁନି, ଅଜିତ୍ ମୁନି, ବଳରାମ ଚୌଧୁରୀ, ଯୋଗ ଶିକ୍ଷୟିତ୍ରୀ ସ୍ନେହଲତା ସେଠୀ, ନିରୁପମା ପାଣି, ପ୍ରଚାରକ ଚିନ୍ତାମଣି ପଣ୍ଡା, ସୁଧୀର ମୁନି, ମୁନିରତ୍ନ ସୂର୍ଯ୍ୟମଣି ସାମଲ, ଭଦ୍ରକ ଜିଲା ସଭାପତି ଗଙ୍ଗାଧର ମୁନି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନନ୍ତ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଡ଼ିଶାର ଯୋଗାଚାର୍ଯ୍ୟ, ଯୋଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସମେତ ବିଭିନ୍ନ ପ୍ରାନ୍ତରୁ ଶତାଧିକ ମୁନି ଓ ମୁନିମତୀ ଉପସ୍ଥିତ ଥିଲେ।

# କଂଗ୍ରେସର ପ୍ରତିଷ୍ଠା ଦିବସ

**ବାସୁଦେବପୁର, ୨୮।୧୨ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଓ ନଗର କଂଗ୍ରେସର ମିଳିତ ସହଯୋଗରେ ଶନିବାର ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସକାଳେ ନଗର କଂଗ୍ରେସ କମିଟି ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଦେଶକୁ କଂଗ୍ରେସର ଅବଦାନ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କମିଟି ସଭାପତି ରମେଶ ଚନ୍ଦ୍ର ବଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ସରପଞ୍ଚ ରଘୁନାଥ ମଲିକ, ଜୋନ୍ ସଭାପତି ନରେନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରଭାତ କୁମାର ବାରିକ, ପୂର୍ବତନ କାଉନ୍‌ସିଲର ତୋହିଦ ଖାଁ, ଗଙ୍ଗାଧର ବାରିକ, ଯୁବ କଂଗ୍ରେସ ପକ୍ଷରୁ ସୁବ୍ରତ କୁମାର ବେହୁରା, ରାକେଶ ମହାନ୍ତି, ରବୀନ୍ଦ୍ର ବାରିକ, ବିଭୂତି ଭୂଷଣ ପଣ୍ଡା, ଅକ୍ଷୟ ବାରିକ, ଶଶିଭୂଷଣ ବାରିକଙ୍କ ସହ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ବାସୁଦେବପୁର ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।


ବାସୁଦେବପୁର ଡାକ୍ତରଖାନାରେ କଂଗ୍ରେସ କର୍ମକର୍ତ୍ତା ରୋଗୀଙ୍କୁ ଫଳ ବଣ୍ଟନ କରୁଛନ୍ତି।

# ସାମାଜିକ କର୍ମୀଙ୍କ ପରଲୋକ

**ପଦ୍ମପୁର, ୨୮।୧୨ (ଡି.ଏନ.ଏ.)**

ଭଦ୍ରକ ବ୍ଲକ ଗୋରାମାଟି ପଞ୍ଚାୟତର ସାମାଜିକ କର୍ମୀ ଧ୍ରୁବଚରଣ ପାଣିଗ୍ରାହୀ(୮୦)ଙ୍କ ହୃଦ୍‌ଘାତରେ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସ୍ଥାନୀୟ ଗୋରାମାଟି, ସାବରଙ୍ଗ ଓ ସାହାଡ଼ା ଅଞ୍ଚଳରେ ସେ ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ଥିଲେ। ପେସାରେ ଜଣେ କୃଷକ ହୋଇଥିଲେ ମଧ୍ୟ ସେ ଅବହେଳିତ ନିଷ୍ପେଷିତ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିଲେ। ଶୁକ୍ରବାର ରାତିରେ ଘରେ ଶୋଇଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ଗୋରାମାଟି ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଭ୍ରମରବର ନାୟକ, ସାବରଙ୍ଗ ସରପଞ୍ଚ ରଞ୍ଜିତା ମହାପାତ୍ର, ସାମାଜିକ କର୍ମୀ ଟିକୁ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଧ୍ରୁବଚରଣଙ୍କ ଜ୍ୱାଇଁ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାୟକ, ଅଜୟ କୁମାର ତ୍ରିପାଠୀ, ଯତୀନ୍ଦ୍ର ଦାସ, ସୁଧାକର ସାହୁ, ଝିଅ ପୂର୍ଣ୍ଣମସ୍ୟ ପାଣିଗ୍ରାହୀ, ବବିତାରାଣୀ ଦାସ, ପୁଷ୍ପଲତା ସାହୁ, ଗୀତାରାଣୀ ତ୍ରିପାଠୀ ଓ ନାତୁଣୀ ଅଭିନେତ୍ରୀ ଦୀପିକା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଡ଼ସାହି, ୨୮।୧୨ (ସ୍ୱ.ପ୍ର):** ବଡ଼ସାହି ଥାନା ଅଧୀନ ତାଳପଦା ଗ୍ରାମର ଜନୈକ ଛାତ୍ର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶନିବାର ସନ୍ଧ୍ୟାରେ ତାଙ୍କ ଘରେ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡି ନାହିଁ। ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବସ୍ ଧକ୍କାରେ ମା'ପୁଅ ଆହତ

**ବାରିପଦା ଅଫିସ/ ବେତନଟୀ, ୨୮।୧୨ (ଡି.ଏନ୍.ଏ):** ବେତନଟୀ ଅଧୀନ ୧୮ନଂ. ଜାତୀୟ ରାଜପଥର କେନ୍ଦୁଖାଲ ନିକଟରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ସାଇକେଲରେ ଯାଉଥିବା ମା' ପୁଅ ଆହତ ହୋଇଛନ୍ତି। ଆହତ ଦ୍ୱୟ ନୟାକେନ୍ଦୁଖାଲ ଗ୍ରାମର ସାଗରି ବଦଲୀ ତାଙ୍କ ପୁଅ ଭୋଳାନାଥ ବୋଲି ଜଣାପଡ଼ିଛି। ବସ୍‌ଟି ବାରିପଦାରୁ ବୈଶିଙ୍ଗା ଯାଉଥିଲା। ଦୁର୍ଘଟଣା ପରେ ବସ୍‌ଟି ଭାରସାମ୍ୟ ହରାଇ ରାଜପଥ ତଳକୁ ଗଡି ଯାଇଥିଲା। ବେତନଟୀ ଥାନା ଓ କେଶିପୁର ଫାଣ୍ଡି ପୋଲିସ ସହାୟତାରେ ଆହତ ମା' ପୁଅଙ୍କୁ ଚିକିତ୍ସା ପାଇଁ ବାରିପଦା ପିଆରଏମ ମେଡ଼ିକାଲ କଲେଜରେ ଭର୍ତ୍ତିକରାଯାଇଛି।

### ନୂଆ ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ରାଇରଙ୍ଗପୁର, ୨୮।୧୨ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନାର ନୂତନ ଆଇଆଇସି ଭାବେ ରେଣୁବାଳା ସାହୁ ଶୁକ୍ରବାର କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ରାସଗୋବିନ୍ଦପୁର ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଟାଉନ ଥାନାର ଏସଆଇ ସଙ୍ଗୀତା ଦାସ, ପୂର୍ଣ୍ଣିମା ତିର୍କିଙ୍କ ସମେତ ଏଏସଆଇ ସନାତନ ଜେନା ଓ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଇରଙ୍ଗପୁର ସହରରେ ଆଇନ ଶୃଙ୍ଖଳା ସମେତ ଟ୍ରାଫିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ପୁଣି ଫେରିଲେ ହାତୀପଲ


ଉତ୍ପାତ ଚଳାଇଥିବା ହାତୀପଲ।

### ଆକ୍ରମଣରେ ବୃଦ୍ଧା ଗୁରୁତର

**ଉଦଳା, ୨୮।୧୨ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ନୀଳଗିରିର କୁଲଡିହା ଅଭୟାରଣ୍ୟରୁ ଖସି ଆସିଥିବା ୬ ଟିକିଆ ହାତୀପଲ ଶୁକ୍ରବାର ଗୋପବନ୍ଧୁନଗର ବ୍ଲକ ଅଧୀନ ଦାମାସାହିରେ ଉତ୍ପାତ ଚଳାଇଥିଲେ। ଶୁକ୍ରବାର ରାତିରେ ବାଣ ଫୁଟାଇ ଏବଂ ନିଆଁ ଦେଖାଇ ଉଦଳା ବନବିଭାଗ ଏହି ହାତୀପଲକୁ କୁଲଡିହା ଅଭୟାରଣ୍ୟକୁ ଘଉଡାଇ ଦେଇଥିଲେ। ହେଲେ ବିଳମ୍ବିତ ରାତିରେ ହାତୀପଲ ପୁଣି କପ୍ତିପଦା ବନାଞ୍ଚଳକୁ ଫେରିଛନ୍ତି। ହାତୀପଲ କୋଚିଳାଡିହା ପଞ୍ଚାୟତ ନରହରିପୁର ଗ୍ରାମରେ ପଶି ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଚାନ୍ଦମଣି କିସ୍କୁ(୬୦) ନାମ୍ନୀ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ହାତୀପଲ ସ୍ଥାନୀୟ କଇଁଫୁଲିଆ ବାଘୁଆହୁଡି ଜଙ୍ଗଲ ରହିଛନ୍ତି। ଜଙ୍ଗଲକୁ ଯିବା ସମୟରେ ବାଘୁଆହୁଡି ନିକଟରେ ଥିବା ଏକ ଦେଶୀ ମଦ ଭାଟିରେ ପଶି ବ୍ୟାପକ ପୋଚ ନଷ୍ଟ କରିଛନ୍ତି। ହାତୀଙ୍କୁ ଘଉଡାଇବାକୁ ଉଦ୍ୟମ କରି ବନବିଭାଗ ନାକେଦମ ହୋଇଛି। ଏହି ହାତୀପଲ ଅନେକ ସମୟରେ ହୁଡିରୁ ବାହାରି ଆସି ଜନସାଧାରଣଙ୍କୁ ଗୋଡାଉଥିବା ମଧ୍ୟ ଦେଖିବାକୁ ମିଳିଛି। ହାତୀପଲରେ ୩ଟି ଦନ୍ତା ସମେତ ସମୁଦାୟ ୬ଟି ହାତୀ ରହିଛନ୍ତି। ରାତି ହେଲେ ହାତୀପଲଙ୍କ ଗତିପଥକୁ ନଜର କରାଯାଇ ସେମାନଙ୍କୁ କୁଲଡିହା ଅଭୟାରଣ୍ୟକୁ ଘଉଡାଇ ଦିଆଯିବା ନିମନ୍ତେ ସମସ୍ତ ଚେଷ୍ଟା ଚାଲିଥିବା କପ୍ତିପଦା ଫରେଷ୍ଟର ଶୋଭାକର ସିଂ କହିଛନ୍ତି।

### ପୋଡ଼ିହୋଇ ମହିଳା ଗୁରୁତର

**କୁଆମରା, ୨୮।୧୨ (ଡି.ଏନ୍.ଏ.)**

ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ଗର୍ଭବତୀ ମହିଳା ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମହିଳାଙ୍କ ଶ୍ୱଶୁରଙ୍କୁ ଗଛରେ ବାନ୍ଧି ପକାଇଥିଲେ। ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ ବାଲେଶ୍ୱର ଜିଲା ଜଣେ ବ୍ୟକ୍ତି ପୁଅ ବୋହୂଙ୍କ ସହ ଖୁଣ୍ଟା ଥାନା ଅଞ୍ଚଳରେ ୩ ବର୍ଷ ହେବ ରହି ଆସୁଛନ୍ତି। କିଛି ଦିନ ହେବ ସ୍ୱାମୀ ଓ ଶ୍ୱଶୁର ମିଶି ବୋହୂଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏ ନେଇ ଅନେକ ଥର ବୈଠକ ବସି ସମାଧାନ ହୋଇଥିଲା। ଶନିବାର ସକାଳେ ତାଙ୍କ ଘର ଭିତରୁ ଧୂଆଁ ବାହାରୁ ଥିବା ଓ ମହିଳା ଜଣକ ଚିତ୍କାର କରୁଥିବା ଶୁଣିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ମହିଳାଙ୍କ ଶ୍ୱଶୁରଙ୍କୁ ଏକ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

# ଶିମିଳିପାଳରେ ଖସୁଛି ପାରଦ

**ବାରିପଦା ଅଫିସ, ୨୮।୧୨**

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟରେ ଶୀତଦିନେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ନଭେମ୍ବର ପହିଲାରେ ଖୋଲିଥିବା ଏହି ଅଭୟାରଣ୍ୟରେ ରାତ୍ରୀଯାପନ କରି ପର୍ଯ୍ୟଟକମାନେ ପ୍ରକୃତିର ମଜା ନେଉଛନ୍ତି। ତେବେ କିଛିଦିନ ହେବ ଶିମିଳିପାଳରେ ପାରଦ ତଳକୁ ଖସି ଥିବାରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଉପକ୍ଷେତ୍ର ନିର୍ଦ୍ଦେଶକଙ୍କ ସୂଚନା ମୁତାବକ ଶିମିଳିପାଳ ମଧ୍ୟରେ ବର୍ତ୍ତମାନ ୩ ଡିଗ୍ରୀ ସେଲସିୟସ ତାପମାତ୍ରା ରହୁଛି। ଏଥିଯୋଗୁ ବନ୍ୟପ୍ରାଣୀଙ୍କ ପାଇଁ କୌଣସି ଅସୁବିଧା ହେବନାହିଁ। ସେମାନେ ପରିବେଶ ସହିତ ଖାପ ଖୁଆଇ ରହିଛନ୍ତି। ସେହିପରି ପୂର୍ବ ବର୍ଷଗୁଡିକରେ ଶିମିଳିପାଳରେ ତୁଷାରପାତ ମଧ୍ୟ ହୋଇଥିଲା। ଚଳିତବର୍ଷ ପାରଦ ଆହୁରି ତଳକୁ ଖସିପାରେ ବୋଲି ଅନୁମାନ କରାଯାଉଥିବା ସେ କହିଛନ୍ତି।



ଶିମିଳିପାଳ ଅଭୟାରଣ୍ୟ ପ୍ରବେଶ ପଥ।

ଉଲ୍ଲେଖଯୋଗ୍ୟ ଯେ, ବର୍ଷାଋତୁ ଯୋଗୁ ଗତ ଜୁନ ୧୫ ତାରିଖରେ ଶିମିଳିପାଳ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିଥିଲା। ନଭେମ୍ବର ପହିଲାରେ ଏହା ଖୋଲିଥିଲା। କେବଳ ନଭେମ୍ବର ମାସରେ ଶିମିଳିପାଳକୁ ୩ ହଜାର ୩୨୭ ଜଣ ଓ ଡିସେମ୍ବରରେ ୩ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ସୂଚନା ଅନୁଯାୟୀ ଶିମିଳିପାଳରେ ୧୩୪୬ ପ୍ରଜାତିର ଉଦ୍ଭିଦ, ୫୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଓ ୨୩୧ ପ୍ରକାରର ପକ୍ଷୀ ଅଛନ୍ତି। ସେଥିରେ ହାତୀ, ବାଘ, ଗୟଳ, ସମ୍ବର, ହରିଣ ଓ ବିଭିନ୍ନ ତୃଣଭୋଜୀ ପ୍ରାଣୀ ରହିଛନ୍ତି। ସେହିପରି ଶିମିଳିପାଳ ଜୈବମଣ୍ଡଳରେ ସର୍ବୋଚ୍ଚ ଗିରିଶୃଙ୍ଗ ଖଇରୀବୁରୁ ରହିଛି, ଯାହାର ଉଚ୍ଚତା ୧୧୬୬.୬ ମିଟର। ଏହା ପରେ ମେଘାସନୀ ଶୃଙ୍ଗ ୧୧୬୫ ମିଟର ଉଚ୍ଚତା ରହିଛି। ଏହା ସହିତ ବରେହିପାଣି, ଯୋରନ୍ଦା, ଦେବକୁଣ୍ଡ, ସୀତାକୁଣ୍ଡ ଭଳି ମନୋରମ ଜଳ ପ୍ରପାତ ରହିଛି।

### ବାରିପଦାରେ ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସ

**ବାରିପଦା ଅଫିସ, ୨୮।୧୨:** ସମଗ୍ର ମୟୂରଭଞ୍ଜ ଜିଲାରେ ଶୀତର ପ୍ରକୋପ ଅନୁଭୂତ ହେଉଛି। ବାରିପଦା ପାଣିପାଗ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସ ଥିଲା। ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି କୋହଲା ପାଗ ରହିଥିଲା। ଗୁରୁବାର ୧ ମି.ମି. ବର୍ଷା ମଧ୍ୟ ହୋଇଥିଲା। ଆସନ୍ତା ଦୁଇ ତିନିଦିନ ପର୍ଯ୍ୟନ୍ତ ତାପମାତ୍ରା କମି ୫ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ହୋଇପାରେ ବୋଲି ଅନୁମାନ କରାଯାଉଛି।

### କେନ୍ଦୁମୁଣ୍ଡି ଫୁଟବଲ୍ ଟିମ୍ ଚାମ୍ପିୟନ

**ଠାକୁରମୁଣ୍ଡା, ୨୮।୧୨ (ଡି.ଏନ୍.ଏ.)**

ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ପଞ୍ଚାୟତ ସାନମହୁଲଡ଼ିହାଠାରେ ସାର୍ଣ୍ଣା ମାର୍ଶାଲ ଯୁବକ ସଂଘ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଫ୍ଲାଇଟ ଫୁଟବଲ ଟିମ୍ କେନ୍ଦୁମୁଣ୍ଡି ଓ ଡାଙ୍ଗିଲ ଫୁଟବଲ ଟିମ୍ ଡଙ୍ଗାପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡାଙ୍ଗିଲ ଫୁଟବଲ ଟିମ୍‌କୁ ୨-୧ ଗୋଲରେ ହରାଇ କେନ୍ଦୁମୁଣ୍ଡି ଟିମ୍ ଚାମ୍ପିୟନ ହୋଇଛି। ଏସ.ଏମ.ଡି ସାନମହୁଲଡ଼ିହା ଟିମ୍ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ, ସମ୍ମାନନୀୟ ଅତିଥି ବିପିନ ବିହାରୀ ମହାନ୍ତ, ଯୋଗେନ୍ଦ୍ର ନାଥ ମହାନ୍ତ, ଠାକୁରମୁଣ୍ଡା ଓ ମହୁଲଡ଼ିହା ଭାଜପା ମଣ୍ଡଳ ସଭାପତି ରଣଜିତ ବେହେରା ଏବଂ ଜଗଦୀଶ ମହାନ୍ତ, ସରପଞ୍ଚ ରମେଶ ଚନ୍ଦ୍ର ନାଏକ, କ୍ଲବର ସଭାପତି ସାହେବ ବଦ୍ରା, ସମ୍ପାଦକ ମିଥୁନ ଗାଗରାଇ ଯୋଗ ଦେଇଥିଲେ।

### ଯାତ୍ରୀ-କଣ୍ଡକ୍ଟର ବିବାଦ: ରାସ୍ତାରେ ଅଟକିଲା ବସ୍

**ଚିତ୍ରଡା, ୨୮।୧୨ (ଡି.ଏନ୍.ଏ.):** କଣ୍ଡକ୍ଟର ଓ ଯାତ୍ରୀଙ୍କ ମଧ୍ୟରେ ବିବାଦ ଯୋଗୁ ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ଶୀର୍ଷପାଳ ଛକରୁ ମାତ୍ର ୧୦୦ମିଟର ଦୂର ବାରିପଦା-ଅମର୍ଦ୍ଦା ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଅଟକି ରହିଥିଲା। ଫଳରେ ଏହି ରାସ୍ତାରେ ଏକ ଘଣ୍ଟା କାଳ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବସ୍‌ର ଯାତ୍ରୀ ଓ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ଚିତ୍ରଡା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର କୁମାର ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲେ।

ସୂଚନା ଅନୁଯାୟୀ, ଜଣେ ଯାତ୍ରୀଙ୍କୁ ବସ୍ କଣ୍ଡକ୍ଟର ପଇସା ମାଗିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଯାତ୍ରୀ ଜଣକ କଣ୍ଡକ୍ଟରଙ୍କୁ ଧକ୍କା ମାରି ତାଙ୍କ ସାର୍ଟ ଚିରି ଦେଇଥିବା ବସ୍ କର୍ମଚାରୀ ଅଭିଯୋଗ କରିଛନ୍ତି। ଏନେଇ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ରାସ୍ତା ମଝିରେ ବସ୍‌କୁ ରଖି ଦେଇ ଚିତ୍ରଡା ଫାଣ୍ଡିକୁ ଅଭିଯୋଗ କରିବା ପାଇଁ ଯାଇଥିଲେ।

### ଉଦଳା ପଞ୍ଚାୟତ ସମିତି ବୈଠକ | ଜଳ ଯୋଗାଣ ଉପରେ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

**ଉଦଳା, ୨୮।୧୨ (ଡି.ଏନ୍.ଏ.)**

ଉଦଳା ପଞ୍ଚାୟତ ସମିତିର ଷଷ୍ଠ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା କାରମୀ ମୁର୍ମୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଧାୟକ ଭାସ୍କର ମଢେଇ, ବିଡିଓ ଦେବଯାନୀ ଭୂୟାଁ, ବ୍ଲକ ଉପାଧ୍ୟକ୍ଷ ପରେଶ ଚନ୍ଦ୍ର ବେହେରା, ଜିପିଇଓ ବିଦ୍ୟାଭାରତୀ ନାୟକ, ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜଳ ଜୀବନ ମିଶନ ଯୋଜନାରେ ବ୍ଲକର ୧୨ଟି ପଞ୍ଚାୟତରେ ବାକି ରହିଥିବା ସମସ୍ତ ଘରକୁ ଜଳଯୋଗାଣ ବ୍ୟବସ୍ଥା କରାଯିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଯୋଗାଣ, ପ୍ରାଣୀ ସମ୍ପଦ, କୃଷି, ଲଘୁ ବନଜାତ ଦ୍ରବ୍ୟ, ସାମାଜିକ ସୁରକ୍ଷା, ଉଦ୍ୟାନ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଭ୍ରାମ୍ୟମାଣ ପଶୁ ଚିକିତ୍ସା ସେବା ମାଧ୍ୟମରେ ବ୍ଲକର ବିଭିନ୍ନ ଗ୍ରାମରେ ପ୍ରତି ମାସରେ ୨୦ ଦିନ ଧରି ଟୀକାକରଣ, କୃମିନାଶକ ଔଷଧ ବଣ୍ଟନ, ଗୋବର ପରୀକ୍ଷା ଓ ଚିକିତ୍ସା କରାଯିବା ତତସହିତ କୁକୁଡା ପାଳନ ନିମନ୍ତେ ୫୦ଟି ଲେଖାଏଁ ଛିଆଁ ଯୋଗାଣ କରାଯିବାର ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଡିସେମ୍ବର ୨୯/୨୦୧୯ Balasore, Sunday, December29/ 2019


## ସଂକ୍ଷେପରେ

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ରୂପ୍‌ସା, ୨୮।୧୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ପୋଲିସ ଶନିବାର ଏକ ମାମଲା (ନଂ. ୩୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଛାତ୍ରୀଜଣକ ରେମୁଣା ଅଞ୍ଚଳର ମାମୁ ଘରେ ରହି ଏକ ହାଇସ୍କୁଲରେ ପଢୁଥିଲେ। ଗତ ୨୫ତାରିଖରେ ସେ ଘରକୁ ଆସିଥିଲେ। ୨୬ ତାରିଖ ରାତିରେ ରେମୁଣା ଅଞ୍ଚଳର ଜଣେ ଯୁବକ ତାଙ୍କୁ ଅପହରଣ କରିଥିବା ଏତଲାରେ ଦର୍ଶାଯାଇଛି। ପୋଲିସ ପକ୍ଷରୁ ଛାନଭିନ୍ ଆରମ୍ଭ ହୋଇଥିଲେ ହେଁ ଏଯାବତ୍ ଅପହୃତା ନାବାଳିକା ଓ ଅପହରଣକାରୀଙ୍କର କୌଣସି ସନ୍ଧାନ ମିଳିନାହିଁ।

### ଦୋକାନଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ରୂପ୍‌ସା, ୨୮।୧୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଛାନୁଆ ଗାଁ ଛକରେ ଥିବା ପଞ୍ଚାନନ ଭୂୟାଁଙ୍କ ଦୋକାନ ଘରେ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ବସ୍ତା ଥାନା ସବ୍‌ଇନ୍ସପେକ୍ଟର ପି.କେ. ପାଣି ଶନିବାର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ଅଭିଯୋଗ ମୁତାବକ ରାତି ୩ଟାବେଳେ ଦୁର୍ବୃତ୍ତମାନେ ପଞ୍ଚାନନଙ୍କ ପାନ, ବିସ୍କୁଟ, ଡିଜେଲ, ପେଟ୍ରୋଲ ଦୋକାନରେ ନିଆଁ ଲଗାଇ ଚମ୍ପଟ ମାରିଥିଲେ। ରାତିରେ ଯାତ୍ରା ଦେଖି ଫେରୁଥିବା ଗାଁ ଲୋକେ ଦୋକାନ ଘର ଜଳୁଥିବା ଦେଖି ନିଆଁ ଲିଭାଇଥିଲେ। ଖବରପାଇ ଦୋକାନୀ ଜଣକ ପହଞ୍ଚି ଦୋକାନର କବାଟ ଓ ସୋ'କେଶ୍ ପୋଡ଼ିଯାଇଥିବା ଦେଖିଥିଲେ। ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଆବର୍ଜନା କୁଣ୍ଡ ନିର୍ମାଣକୁ ବିରୋଧ କରି ଧାରଣା

**ସୋର, ୨୮।୧୨(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଗୋପୀନାଥପୁର ଷ୍ଟ୍ରକ୍ଚର ପଡିଆ ନିକଟରେ ନିର୍ମାଣାଧୀନ ଆବର୍ଜନା କୁଣ୍ଡକୁ ବିରୋଧ କରି ସ୍ଥାନୀୟ ଲୋକେ କାଯ୍ୟବନ୍ଦ କରି ଧାରଣା ଦେଇଥିଲେ। ମ୍ୟୁନିସିପାଲିଟି ପ୍ରଶାସକ ସମ୍ବିତ୍ ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା ଓ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀବଲ୍ଲଭ ସାହୁ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ଭେଟି ପ୍ରକଳ୍ପ ନିର୍ମାଣ ନେଇ ଆଲୋଚନା କରିଥିଲେ ବି ସେମାନେ ତାଙ୍କ ଜିଦ୍‌ରେ ଅଡି ବସିଥିଲେ। ଏନେଇ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ କି ଏହି ପ୍ରକଳ୍ପରେ ଆବର୍ଜନା ପରିଚାଳିତ ହେଲେ ସ୍ଥାନୀୟ ପରିବେଶ ଦୂଷିତ ହେବାର କୌଣସି ସମ୍ଭାବନା ନାହିଁ। ଉଚ୍ଚ ପ୍ରାଚୀର, ମାଛି, ମଶାମରା ଆଲୋକ ଲଗା ହେବା ସହ ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ ପରିଚାଳିତ ହେବ।

### ଜମିଜମା ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ: ୫ ଆହତ

**ତିହିଡ଼ି, ୨୮।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ମଙ୍ଗଳପୁର ପଞ୍ଚାୟତ ଅଧୀନ କନାଟିଆ ଗ୍ରାମରେ ଶୁକ୍ରବାର ଜମିଜମା ବିବାଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା(ନଂ. ୫୪୩/୧୯ ଓ ୫୪୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ତ୍ରିଲୋଚନ ନାୟକ ଏବଂ ରାଇମୋହନ ନାୟକଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ଥିଲା। ଭଦ୍ରକ କୋର୍ଟରେ ଏହି ମାମଲା ବିଚାରାଧୀନ ଥିବାବେଳେ ବିବାଦୀୟ ଜମିରେ ଗୋଟିଏ ପକ୍ଷ ଗୃହ ନିର୍ମାଣ କରୁଥିଲେ। ଏହାକୁ ନେଇ ଗଣ୍ଡଗୋଳ ହୋଇ ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ରାଇମୋହନ ନାୟକ, ପ୍ରିୟତମା ନାୟକ, ଦୁର୍ଯ୍ୟୋଧନ ନାୟକ, ଲିପୁ ନାୟକ ଓ ମାଣିକ ନାୟକ ଆହତ ହୋଇଛନ୍ତି। ଆହତମାନଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ■ ୨ କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲା

# ଦୋକାନ ସାମ୍ନାରେ ପୋଲିସ-ଗ୍ରାହକ ମୁହାଁମୁହିଁ

**ବାସୁଦେବପୁର,୨୮।୧୨(ଡି.ଏନ.ଏ.)**



ଉତ୍ତ୍ୟକ୍ତ ଲୋକେ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରୋଡ୍‌ରେ ଗତ ନଭେମ୍ବରରେ ରାଜ୍ୟ ବାହାରର ୪ ଜଣ ବ୍ୟକ୍ତି ଏକ ସଂସ୍ଥା ଖୋଲି କିସ୍ତିରେ ଘରୋଇ ସାମଗ୍ରୀ ଦେବାର ପ୍ରଲୋଭନ ଦେଖାଇ ଗ୍ରାହକଙ୍କଠାରୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଯାଇଛନ୍ତି। ଗତ ୨୦ ତାରିଖ ରାତିରୁ ସେମାନେ ଫେରାର ଅଛନ୍ତି। ୨୧ ତାରିଖରେ ଠକାମିର ଶିକାର ହୋଇଥିବା ଶତାଧିକ ଗ୍ରାହକ ସାମଗ୍ରୀ ନେବାକୁ ଆସି ହୋହଲ୍ଲା କରିବା ପରେ ବାସୁଦେବପୁର ଥାନା ପୋଲିସ ଦୋକାନରେ ସିଲ୍ ମାରିଥିଲା। ଏହାମଧ୍ୟରେ ଉକ୍ତ ସଂସ୍ଥାର ୪ ଜଣ ବ୍ୟକ୍ତିଙ୍କୁ ପୋଲିସ ଠାବ କରିପାରି ନାହିଁ। ଶନିବାର ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି, ବିଡିଓ ପ୍ରଣବ କୁମାର ବେହେରାଙ୍କ ସମେତ ପୌରପାଳିକା କର୍ମଚାରୀଙ୍କ ଉପସ୍ଥିତିରେ ପୋଲିସ ଉକ୍ତ ଦୋକାନରୁ ତାଲା ଓ ସିଲ୍ ଖୋଲି ସାମଗ୍ରୀ ଜବତ କରିବା ବେଳେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଦୋକାନରେ ଥିବା ଘରୋଇ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଜବତ କରି ଏକ ପିକ୍‌ଅପ୍‌ରେ ଥାନାକୁ ନେବା ପାଇଁ ଉଦ୍ୟମ କରୁଥିବାବେଳେ ଗ୍ରାହକମାନେ ବିରୋଧ କରିଥିଲେ। ସେମାନେ ଜବତ ଜିନିଷପତ୍ର ଥାନାକୁ ନେବାକୁ ଦେଇ ନ ଥିଲେ। ଏହାକୁ ନେଇ ଦୋକାନ ସାମ୍ନାରେ ପୋଲିସ ଓ ଗ୍ରାହକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକେ ଜବତ ସାମଗ୍ରୀ ବୋଝେଇ ଗାଡ଼ିକୁ ଆଗକୁ ଗଡ଼ାଇ ଦେଇ ନ ଥିଲେ। ଫଳରେ ପୋଲିସ ଗାଡ଼ିରୁ ଜିନିଷ ବାହାର କରି ପୁଣି ଦୋକାନ ମଧ୍ୟରେ ରଖିଥିଲା।

ଏହି ଘଟଣାକୁ ନେଇ ଉତ୍ତେଜନା ବଢ଼ିବା ପରେ ଲୋକେ ଦେଉଳି ସେଠୀସାହି ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ କିଛି ଘଣ୍ଟା ପାଇଁ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଏହାମଧ୍ୟରେ ୮ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଠକ ବ୍ୟକ୍ତିଙ୍କୁ ଗିରଫ ନ କରି ଦୋକାନରୁ ଜିନିଷ ଜବତ କରିବାକୁ ନେଇ ଲୋକେ ପ୍ରଶ୍ନ ଉଠାଇଥିଲେ। ତେବେ ଏହି ସମୟରେ ଜଣେ ଗଣମାଧ୍ୟମ ପ୍ରତିନିଧି ହସ୍ତକ୍ଷେପ କରିବାରୁ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ମାଡ଼ ମାରୁଥିବା ଦେଖିବାକୁ ମିଳିଥିଲା। ପୋଲିସ ୪ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ ଥାନାକୁ ଉଠାଇ ନେବାରୁ ଉତ୍ତ୍ୟକ୍ତ ଲୋକେ ସେଠାରୁ ପଳାଇଯିବାକୁ ଆରମ୍ଭ କରିଥିଲେ। ପରେ ରାସ୍ତାରୋକୋ ହଟାଯାଇଥିଲା। ଅଧିକ ଫୋର୍ସ ଆସିବା ପରେ ପୋଲିସ ଓ ପ୍ରଶାସନ ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜବତ କରି ଥାନାକୁ ନେଇଛନ୍ତି। ତହସିଲଦାର ରାଧାକାନ୍ତ ନାୟକ ସାମଗ୍ରୀ ଜବତ ବେଳେ ଉପସ୍ଥିତ ଥିଲେ। ପରେ ଦୋକାନ ଆଗରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ ଏହି ଦୋକାନ ଖୋଲିଥିବା ଠକ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ, ୪ ଅଟକ
■ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

## ଶହୀଦମଣ୍ଡପ ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ

**ଧାମନଗର,୨୮।୧୨(ଡି.ଏନ.ଏ.)**




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଖପରପଦା ସରପଞ୍ଚ ଓ ଅନ୍ୟମାନେ।

ଧାମନଗର ବ୍ଲକ ଶହୀଦନଗରସ୍ଥିତ ଶହୀଦ ମଣ୍ଡପ ନିକଟରେ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସକୁ ପଞ୍ଚାୟତସ୍ତରରେ ବିରୋଧ କରାଯାଇଛି। ଖପରପଦା ପଞ୍ଚାୟତ ଅଫିସ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସରପଞ୍ଚ ଗୟାଧର ନାୟକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଖପରପଦା ପଞ୍ଚାୟତରେ ଏହି ମୌଜାର ଏକ ଜମିରେ ଦୀର୍ଘ ୩୦ବର୍ଷ ତଳେ ତିଆରି ହୋଇପଡ଼ି ରହିଥିବା ପରିତ୍ୟକ୍ତ ଦୋକାନ ଗୃହକୁ ଆବଶ୍ୟକତା ଅନୁସାରେ ତହସିଲ ପକ୍ଷରୁ ଭଙ୍ଗାଯାଇଥିଲା। ପରେ ଏହାକୁ ଲାଗି ଥିବା ଶହୀଦ ସ୍ମୃତିପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିଲା। ଏହାର ଭିତ୍ତିଭୂମି ଉନ୍ନତିକରଣ ପାଇଁ ପଞ୍ଚାୟତ ବୈଠକରେ ରିଜୋଲ୍ୟୁସନ ପାସ୍ ହୋଇସାରିଛି। ଦୁଇ ପଞ୍ଚାୟତ କଟସାହି ଏବଂ ଖପରପଦା ବିଭାଜନର ଦୀର୍ଘଦିନ ପରେ ଅଭିଯୋଗ ଅନୁସାରେ ୨୦୧୭ରେ ଧାମନଗର ତହସିଲଦାର ଶହୀଦନଗର ବଜାରର ସ୍ଥାନର ସୀମା ନିର୍ଦ୍ଧାରଣ କରିଥିଲେ। ବଜାରରେ ଥିବା ଶହୀଦମଣ୍ଡପ ଏବଂ ଏହାକୁ ଲାଗିଥିବା ଖପରପଦା ମୌଜାର ଉକ୍ତ ସରକାରୀ ଜମିକୁ ଜବରଦଖଲମୁକ୍ତ କରିଥିଲେ। ପର୍ଯ୍ୟଟନ ସ୍ଥଳୀର ମୁଖ୍ୟରାସ୍ତାର ପ୍ରଶସ୍ତୀକରଣ ଏବଂ ପ୍ରତିବର୍ଷ ସେପ୍ଟେମ୍ବର ୨୨ରେ ଶହୀଦ ଦିବସ ପାଳନ ସମୟରେ ଭିଡ଼କୁ ପରିଲକ୍ଷିତ କରି ଏହାକୁ ଫାଙ୍କା ରଖିବାକୁ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏବେ ଶହୀଦମଣ୍ଡପ ସ୍ଥିତ ମୁଖ୍ୟସଡ଼କ ପାର୍ଶ୍ୱରେ ବେଆଇନ ଭାବେ ଦୋକାନ ଗୃହ ନିର୍ମାଣକୁ ବିରୋଧ କରାଯାଇଛି। ଏ ନେଇ ଲିଖିତ ଅଭିଯୋଗ ମୁଖ୍ୟ ଶାସନ ସଚିବ, ଆର୍‌ଡିସି, ଏମ୍‌ପି, ବିଧାୟକ, ଜିଲାପାଳ, ବିଡିଓ ଏବଂ ତହସିଲଦାରଙ୍କ ନିକଟକୁ ଡାକ ଯୋଗେ ପଠାଯାଇଥିବା ସରପଞ୍ଚ ଜଣାଇଛନ୍ତି।

### କାର୍‌ରେ ଲାଗିଲା ନିଆଁ

**ସଜନାଗଡ଼, ୨୮।୧୨(ଡି.ଏନ.ଏ.)**

ଯାଜପୁର ଟାଉନ ଅଞ୍ଚଳରୁ ରତିରଞ୍ଜନ ପଣ୍ଡା ପରିବାର ସହ ଶନିବାର ଏକ କାର୍(ନଂ. ଓଆର୦୨ଏଏମ୍-୬୦୦୦)ରେ ନୀଳଗିରି ଅଞ୍ଚଳକୁ ବୁଲିବାକୁ ଆସିଥିଲେ। ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଓ ନୀଳଗିରି ଜଗନ୍ନାଥ ମନ୍ଦିର ଦର୍ଶନ ସାରି ସେମାନେ ଅପରାହ୍ନ ଗୋଟାଏରେ ଘରକୁ ଫେରିବା ପାଇଁ କାର୍‌କୁ ଷ୍ଟାର୍ଟ କରୁଥିବା ବେଳେ ହଠାତ୍ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ କାର୍‌ରୁ ପରିବାର ଲୋକ ଓହ୍ଲାଇ ପଡ଼ିଥିଲେ। ଖବର ପାଇ ନୀଳଗିରି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଯୁବତୀଙ୍କ ଆତ୍ମହତ୍ୟା

**ସୋର, ୨୮।୧୨(ଡି.ଏନ.ଏ.)**

ସୋର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ବିହାରୀପୁରଗଞ୍ଜ ଗ୍ରାମର ଜଣେ ଯୁବତୀ ଶନିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ଘରେ ମା' ବାପା ନ ଥିବା ବେଳେ କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଏପରି କରିଛନ୍ତି।

## ଡିଆର୍‌ଏମ୍‌ଙ୍କ ରୂପ୍‌ସା ଜଙ୍କଶନ ପରିଦର୍ଶନ

**ରୂପ୍‌ସା, ୨୮।୧୨ (ଡି.ଏନ୍.ଏ.)**

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍‌ର ରେଳବାଇ ମ୍ୟାନେଜର ମନୋରଞ୍ଜନ ପ୍ରଧାନ ଶନିବାର ବାଲେଶ୍ୱର ଜିଲା ଅଧୀନ ରୂପ୍‌ସା ରେଳ ଜଙ୍କଶନ ପରିଦର୍ଶନ କରିଛନ୍ତି। ନିର୍ମାଣାଧୀନ ଫୁଟ୍ ଓଭରବ୍ରିଜ୍ ସମ୍ପ୍ରସାରଣ କାର୍ଯ୍ୟ ତଦାରଖ କରିବା ସହ ଟିକେଟ୍ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ, ଷ୍ଟେଶନର ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ଆଦି ବୁଲି ଦେଖିଥିଲେ। ଏହି ଅବସରରେ ଆଞ୍ଚଳିକ ବିକାଶ ପରିଷଦ କର୍ମକର୍ତ୍ତା ନିରଞ୍ଜନ ବାରିକ, ବିଧାନ ରାୟ, ଶାରଦା ପ୍ରସନ୍ନ ପଟ୍ଟନାୟକ, ଉଜ୍ଜ୍ୱଳ ବେହେରା ଓ ଅଟୋ ଚାଳକ ସଂଘର କର୍ମକର୍ତ୍ତା ଡିଆର୍‌ଏମ୍ ପ୍ରଧାନଙ୍କୁ ଭେଟି ଷ୍ଟେଶନର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ୧ନଂ. ଓ ୨ନଂ. ପ୍ଲାଟଫର୍ମ ମଝିରେ ଥିବା ଟିକେଟ କାଉଣ୍ଟରକୁ ଷ୍ଟେଶନର ପ୍ରବେଶ ପଥକୁ ସ୍ଥାନାନ୍ତର, ଫୁଟ୍ ଓଭରବ୍ରିଜ୍ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ଆଦି ଦିଗରେ ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିଆର୍‌ଏମ୍ ପ୍ରଧାନ ରୂପ୍‌ସା-ବାଙ୍ଗିରିପୋଷି ନୂତନ ରେଳଲାଇନ୍ କାର୍ଯ୍ୟ ପରିଦର୍ଶନ କରି ବାଙ୍ଗିରିପୋଷିରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଫେରିବା ବେଳେ ରୂପ୍‌ସା ଷ୍ଟେଶନରେ ଅଟକିଥିଲେ। ତାଙ୍କ ସହ ବିଭାଗୀୟ ଅଧିକାରୀଙ୍କ ସମେତ ଷ୍ଟେଶନ ମ୍ୟାନେଜର ଏମ୍. ହାଁସଦା ଓ ରୂପ୍‌ସା ଆର୍‌ପିଏଫ୍ ଥାନା ପୋଲିସ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏଚ୍‌ଜି ଜମାରାଶି ଧରି ଚମ୍ପଟ



ଜମାକାରୀ ମହିଳାମାନେ।

**ଜଳେଶ୍ୱର,୨୮।୧୨(ସ୍ୱ.ପ୍ର.)**

ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଙ୍କୁ ଋଣ ପ୍ରଦାନ କରି ସେମାନଙ୍କର ଆର୍ଥିକ ମାନଦଣ୍ଡର ବିକାଶ ଲାଗି ଚେଷ୍ଟା କରୁଥିବା ବେଳେ କେତେକ ଅସାଧୁ ସଂସ୍ଥା ଏହାର ସୁଯୋଗ ନେଇ ଠକି ଚାଲିଛନ୍ତି । ଜଳେଶ୍ୱର ମ୍ୟୁନିସିପାଲଟିର ଷ୍ଟେସନବଜାର ବସ୍‌ଷ୍ଟାଣ୍ଡ ନିକଟରେ ଏକ ସଂସ୍ଥାର କର୍ମଚାରୀ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ଦେବା ବାହାନାରେ ଲକ୍ଷାଧିକ ଟଙ୍କା ଧରି ଚମ୍ପଟ ମାରିଥିବା ଜଣାଯାଇଛି।

ସାଟେନ୍ କ୍ରେଡିଟ୍ କେୟାର ନେଟ୍‌ୱର୍କ ଲିମିଟେଡ୍ ନାମକ ଏକ ସଂସ୍ଥା ସୋର ଅଞ୍ଚଳରୁ ଆସି ଜଳେଶ୍ୱରର ଷ୍ଟେଟବ୍ୟାଙ୍କ ନିକଟ ଏକ କୋଠାରେ ତା ୨୪।୧୧।୧୭ରେ ଏକ ଶାଖା ଖୋଲି ତାର ବ୍ୟବସାୟ ଆରମ୍ଭ କରିଥିଲା । କିନ୍ତୁ ପରେ ଏହା ତା୧।୧୨।୧୯ରେ ଜଳେଶ୍ୱର ଷ୍ଟେଶନବଜାରସ୍ଥିତ ନିରଞ୍ଜନ ଦାସଙ୍କ ଘରକୁ ଅଫିସ୍ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କମ୍ପାନୀର ଫିଲ୍ଡ ମ୍ୟାନେଜର ପ୍ରକାଶ ଚନ୍ଦ୍ର ଅଗସ୍ତି ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ପ୍ରାୟ ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଏହାସହ ଗୋବରଘଟ୍ଟା ଅଞ୍ଚଳରେ ଥିବା ଲକ୍ଷ୍ମଣନାଥ ଟାଉନ୍ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଛବିରାଣୀ ପାତ୍ର, ସବିତା ପାତ୍ର, ଅଞ୍ଜନା ନାୟକ, ସବିତା ନାୟକ, ମଲ୍ଲିକ ଦଳାଇ, ରବିତା ନାଥ ପ୍ରମୁଖ ୯ଜଣ ମହିଳାଙ୍କଠାରୁ ୧୬, ୨୪୦ଟଙ୍କା ନେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଦୁର୍ନୀତି ଓ ଅନିୟମିତତା ଦେଖି ତା୧୫।୧୨।୧୯ରିଖରୁ ଫିଲ୍ଡ ମ୍ୟାନେଜର ଅଗସ୍ତିଙ୍କୁ ନିଲମ୍ବନ କରାଯାଇଥିବା ସଂସ୍ଥାର ମ୍ୟାନେଜର ନରେଶ ଚନ୍ଦ୍ର ବେହେରା କହିଛନ୍ତି। ଅନ୍ୟପକ୍ଷରେ ତା୨୪।୧୨।୧୯ରିଖରେ ସେମାନଙ୍କଠାରୁ ଅର୍ଥ ନିଆଯାଇଥିବା ଅଭିଯୋଗକାରିଣୀମାନେ ଅଭିଯୋଗ କରିଛନ୍ତି। ଫିଲ୍ଡ ମ୍ୟାନେଜର ଅଗସ୍ତିଙ୍କୁ ସଂସ୍ଥା ପକ୍ଷରୁ ନିଲମ୍ବନ କରାଯାଇଥିବା କୁହାଯାଉଥିବା ବେଳେ ଏହାପରେ ମଧ୍ୟ ସେ ଗୋଷ୍ଠୀଗୁଡ଼ିକରୁ ଅର୍ଥ ଆଦାୟ କରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ କେତେକ ଜମାକାରୀ ଜଳେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ମହିଳା ମଦ ବେପାରୀ ଗିରଫ

**ବାଲେଶ୍ୱର ଅଫିସ, ୨୮।୧୨**

ବାଲେଶ୍ୱର-୧ ଅବକାରୀ ଥାନା ଅଧିକାରୀ ଅର୍ଜୁନ କୁମାର ମଲ୍ଲିକ ଶନିବାର ଚଢ଼ାଉ କରି ଅଙ୍ଗାରଗଡ଼ିଆ ଅଞ୍ଚଳର ଜଣେ ମହିଳା ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ପମା ମାଝି। ତାଙ୍କଠାରୁ ଚୋରା ଦେଶୀ ମଦ ଜବତ ହୋଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୬/୧୯-୨୦) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ନାବାଳିକା ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**ପଦ୍ମପୁର, ୨୮।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଜଣେ ନାବାଳିକା ବଧୂଙ୍କୁ ପୋଡ଼ି ମାରିଦେଇଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗନ୍ନାଥପ୍ରସାଦ ପଞ୍ଚାୟତ କହୁଣିଆସାହି ଗ୍ରାମର କୁଳମଣି ଘଡ଼େଇ। ପୋଲିସ ସୂଚନା ଅନୁଯାୟୀ, କୁଳମଣି ଗୋପାଳପୁର ଗ୍ରାମର ଜଣେ ନାବାଳିକାଙ୍କୁ ୬ ମାସ ତଳେ ପ୍ରେମବିବାହ କରିଥିଲେ। ବିବାହ ପରେ ଉଭୟ ସ୍ୱାମୀ ସ୍ତ୍ରୀ ଭାବେ କହୁଣିଆସାହିରେ ରହୁଥିଲେ। ମାତ୍ର ସାବାଳିକା ହୋଇ ନ ଥିବାରୁ ଏହି ବିବାହ ଆଇନତଃ ସିଦ୍ଧ ନ ଥିଲା। ନାବାଳିକା ସାବାଳିକା ହେବା ପରେ ଏହାର ସମାଧାନ ହେବ ବୋଲି ଉଭୟ ବାପଘର ଓ ଶାଶୁଘର ଲୋକେ ନିଷ୍ପତ୍ତି ନେଇଥିଲେ। ଗତ ଗୁରୁବାର ଅପରାହ୍ନରେ କୁଳମଣି ଏକ କମ୍ପାନୀ କାମରେ ବାହାରକୁ ଯିବା ପାଇଁ ବାହାରି ପରେ ଯାଇ ନ ଥିଲେ। ସେହିଦିନ ସନ୍ଧ୍ୟାରେ ନାବାଳିକା ଜଣଙ୍କ ଘରେ ହଠାତ୍ ନିଆଁରେ ପୋଡ଼ି ଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଝିଅକୁ ପୋଡ଼ି ମାରି ଦିଆଯାଇଥିବା ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା(ନଂ.୧୮୮/୧୯) ରୁଜୁ କରାଯାଇ ଅଭିଯୁକ୍ତ କୁଳମଣିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କ ଉପରେ କାର ଚଢ଼ାଇଥିବା ଚାଳକ ଗିରଫ

ପାଟଣା,୨୮।୧୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ଗ୍ରାମର ମହାନ୍ତ ସାହିରେ ଗତ ବୁଧବାର ଅପରାହ୍ନରେ ଶକୁନ୍ତଳା ମହାନ୍ତ ନାମ୍ନୀ ଜଣେ ମହିଳାଙ୍କ ଉପରେ ଗାଡି ଚାଳକ କାର ଚଢ଼ାଇ ଦେବାରୁ ସେ ଗୁରୁତର ହୋଇଥିଲେ। ଏହି ଘଟଣାରେ ଶକୁନ୍ତଳା ବର୍ତ୍ତମାନ ମଧ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଥିବା ବେଳେ ଘଟଣାସ୍ଥଳରୁ ଚାଳକ ଫେରାର୍ ହୋଇଯାଇଥିଲେ। ଶନିବାର ତୁରୁମୁଙ୍ଗା ପୋଲିସ ଫେରାର୍ ଥିବା ଚାଳକ ବାଉଁଶୁଳୀ ଗ୍ରାମର କିଶୋର ଚନ୍ଦ୍ର ମହାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୪୬/୧୯) ରୁଜୁ କରି ଅଭିଯୁକ୍ତ କିଶୋରଙ୍କୁ ଗିରଫ କରିଥିବା ଥାନାଧିକାରୀ ବରେନ୍ଦ୍ର ଶିଆଳ ସୂଚନା ଦେଇଛନ୍ତି।

### ଯୋଡ଼ାରେ ସିରିଜ୍ ଦୁର୍ଘଟଣା



ଯୋଡ଼ା, ୨୮।୧୨(ଡି.ଏନ.ଏ.)-ଯୋଡା ସହରର କଳାପାହାଡ ଛକ ନିକଟରେ ଶନିବାର ଭୋର ସମୟରେ ପ୍ରବଳ ମାତ୍ରାରେ କୁହୁଡି ଯୋଗୁ ଦଶ ଚକିଆ ଟ୍ରକ ଓ ଡମ୍ଫର ମଧରେ ସିରିଜ ଦୁର୍ଘଟଣା ଘଟିଛି। ଶନିବାର ଭୋର ସମୟରେ ଯୋଡା ସହରର କଳାପାହାଡ ଛକ ନିକଟରେ ଏକ ୧୦ ଚକିଆ ଟ୍ରକ ବଡବିଲ ଆଡୁ ବିଲେଇପଦା ଅଭିମୁଖେ ଯାଉଥିବା ବେଳେ ସମ୍ମୁଖ ଦିଗରୁ ଆସୁଥିବା ଅନ୍ୟ ଏକ ଡମ୍ଫରକୁ ଧକ୍କା ଦେଇଥିଲା । ଏହା ପରେ ଉକ୍ତ ଡମ୍ଫର ପଛରେ ଆସୁଥିବା ଅନ୍ୟ ଏକ ଡମ୍ଫର ଆଉ ଏକ ଡମ୍ଫରକୁ ଧକ୍କା ଦେଇଥିଲା। ଫଳରେ ଡମ୍ଫରଦ୍ୱୟ ରାସ୍ତା ତଳ ପାର୍ଶ୍ୱକୁ ଓଲଟି ପଡିଥିଲେ। ତେବେ ଟ୍ରକ ଏବଂ ଡମ୍ଫରଦ୍ୱୟର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଗାଡ଼ିଗୁଡିକ ଭାଙ୍ଗିରୁଜି ଚୁରମାର ହୋଇଯାଇଥିବା ଜଣାପଡିଛି। ଯୋଡା ପୋଲିସ ପକ୍ଷରୁ କ୍ରେନ ଲଗାଇ ଗାଡ଼ିକୁ ଉଦ୍ଧାର କରିଥିବା ଜଣାପଡିଛି ।

### ୪ରେ ଓରାଳିରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା

ହାଟଡିହୀ, ୨୮।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଓରାଳି ଠାରେ ଜାନୁୟାରୀ ୪ ତାରିଖରୁ ଏକ ଆଦିବାସୀ ମେଳା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହି ଆଦିବାସୀ ମେଳାର ଆୟୋଜକ ସିବ ପଟ୍ଟନାୟକଙ୍କ ସୂଚନା ଅନୁସାରେ ଏଥିରେ ପ୍ରାୟ ୧୫ରୁ ୨୦ଟି ଓଡିଶାର ବିଭିନ୍ନ ଆଦିବାସୀ ସଙ୍ଗଠନ ଓ ରାଜ୍ୟ ବାହାରର ଆଦିବାସୀ ସଙ୍ଗଠନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଓରାଳିର ଜୁଆନ୍ ଜୁମିତ୍ ତାରସ୍ କ୍ଲବର ସଦସ୍ୟମାନେ ଏହି ଆଦିବାସୀ ମେଳାଟିର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହି କାର୍ଯ୍ୟକ୍ରମଟିକୁ ସରସ ସୁନ୍ଦର କରିବା ପାଇଁ ସିବ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖବରଦାତା ସୁବ୍ରତ କୁମାର ପଟ୍ଟନାୟକ, ଅରୁଣ ପ୍ରଧାନ, ପ୍ରଶାନ୍ତ ରାଉତ, ଫକିର ରାଉତ, ଚନ୍ଦନ ରାଉତ, ପଦ୍ମନାଭ ରାଉତ, ପ୍ରିୟରଞ୍ଜନ ଦାସ, ଅର୍ଜୁନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



କେନ୍ଦୁଝରରେ ପାଳଗଦା ଉପରେ ତୁଷାରପାତ।



ଯୋଡ଼ାରେ ଏକ ଜମି ଉପରେ ତୁଷାରପାତର ଦୃଶ୍ୟ।



ପାଟଣାରେ ଶୀତଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ନିଆଁ ପୋଉଁଛନ୍ତି।

# ହାଡ଼ଭଙ୍ଗା ଶୀତରେ ଥରୁଛି କେନ୍ଦୁଝର

କେନ୍ଦୁଝର, ୨୮।୧୨(ଡି.ଏନ.ଏ./ସ୍ୱ.ପ୍ର.)

ପ୍ରବଳ ଶୀତରେ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳର ତୁଷାରପାତ ହୋଇଥିବା ଜଣାପଡିଛି। ଶୁକ୍ରବାର ରାତିର ତାପମାତ୍ରା ୫.୬ ଡିଗ୍ରୀ ସେଲସିୟସକୁ ଖସିଥିଲା। ଫଳରେ ପ୍ରବଳ ଶୀତ ଅନୁଭୂତ ହେଉଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଶନିବାର ସକାଳ ୮ଟା ୩୦ମିନିଟ୍‌ରେ କରାଯାଇଥିବା ରେକର୍ଡ ଅନୁସାରେ କେନ୍ଦୁଝର ତାପମାତ୍ରା ୫.୬ ଡିଗ୍ରୀ ସେଲସିୟସ ରହିଛି। ଏପଟେ ଜିଲାର କେତେକ ସ୍ଥାନରେ ତୁଷାରପାତ ହୋଇଥିବା ଖବର ମିଳିଛି। ସାରା ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବାବେଳେ ବଣପାହାଡ ଘେରା କାଞ୍ଚିପାଣି ଓ କିରିବୁରୁ ଅଞ୍ଚଳରେ ଶୀତର ପ୍ରଭାବ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଛି। ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଡିସେମ୍ବର ୨୨ ତାରିଖ ଦିନ ସର୍ବନିମ୍ନ ତାପମାତ୍ରା ୨୦.୮ ଡିଗ୍ରୀ ସେଲସିୟସ ରହିଥିବାବେଳେ ୨୩ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୪.୫ ଡିଗ୍ରୀ ଓ ୨୪ ତାରିଖ ଦିନ ୧୨.୪ ଡିଗ୍ରୀ ସେଲସିୟସ ରହିଥିଲା। ୨୫ ତାରିଖ ଦିନର ସର୍ବନିମ୍ନ ତାପମାତ୍ରା ୧୩.୦ ଡିଗ୍ରୀ ସେଲସିୟସ, ୨୬ ତାରିଖ ଦିନର ସର୍ବନିମ୍ନ ତାପମାତ୍ରା ୧୩.୪ ଡିଗ୍ରୀ ସେଲସିୟସରେ ପହଞ୍ଚିଥିବାବେଳେ ୨୭ ତାରିଖର ତାପମାତ୍ର ୧୪.୦ ଛୁଇଁଥିଲା। ଶୁକ୍ରବାର ରାତିର ତାପମାତ୍ରା ହଠାତ୍ ହ୍ରାସ ପାଇ ଶନିବାର ସକାଳ ୮ଟା ୩୦ମିନିଟ୍‌ରେ ରେକର୍ଡ ହୋଇଥିବା ସୂଚନା ଅନୁସାରେ ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ସେଲସିୟସ ହୋଇଥିବା କେନ୍ଦ୍ରୀୟ ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ପ୍ରବଳ ଥଣ୍ଡା ଯୋଗୁ କେନ୍ଦୁଝର ଜିଲାର ଖଣି ସହର ବଡବିଲ, ବଲାଣି, କିରିବୁରୁ ଓ କାଞ୍ଚିପାଣି ସମେତ ବାଂଶପାଳ ବ୍ଲକର କେତେକ ଅଞ୍ଚଳରେ ତୁଷାରପାତ ହୋଇଥିବା ଜଣାପଡିଛି। ସନ୍ଧ୍ୟା ହେଲେ ଲୋକମାନେ ବାହାରକୁ ଯିବା ଦୁର୍ବିଷହ ହୋଇପଡୁଥିବାରୁ ସମଗ୍ର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଶୁନଶାନ୍ ହୋଇ ପଡୁଥିବା ପରିଲକ୍ଷିତ ହେଉଛି। କେନ୍ଦୁଝର ଜିଲାର କେନ୍ଦୁଝର,ତେଲକୋଇ, ବାଂଶପାଳ, ଯୋଡା, ଝୁମ୍ପୁରା, ବଡବିଲ, ବଲାଣି, କିରିବୁରୁ, ପାଟଣା, ଘଟଗାଁ ଅଞ୍ଚଳରେ ତୁଷାରପାତ ହୋଇଥିବା ଖବର ମିଳିଛି।



ରାସ୍ତା ଉପରେ କାଠଜାଳି ନିଆଁ ପୋଉଁଛନ୍ତି।

## ପାଟଣାରେ ବି ପାରଦ ନିମ୍ନରେ

ପାଟଣା,୨୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣାରେ ବି ଶୁକ୍ରବାର ରାତିରୁ ପାରଦ ନିମ୍ନରେ ରହିଛି। ପୌଷ ମାସରେ ଏଭଳି ହାଡ଼ଭଙ୍ଗା ଶୀତ ପ୍ରକୋପ ଆରମ୍ଭ ହୋଇଯାଇଥିବାରୁ ବୟୋଜ୍ୟେଷ୍ଠ ଲୋକମାନେ ଏବର୍ଷ ପ୍ରବଳ ଶୀତ ହେବ ଆଶଙ୍କା ପ୍ରକାଶ କରିଛନ୍ତି। ପାଟଣା ରେ ୧୧ ଡିଗ୍ରୀ ସେଲସିୟସ କୁ ରେକର୍ଡ କରାଯାଇଛି। ଜିଲାରେ ଶୀତ ଲହରୀ ସାଙ୍ଗକୁ କୁହୁଡିଆ ପାଗ ଫଳରେ ଲୋକେ ସକାଳ ଓଳି ଓ ସନ୍ଧ୍ୟା ଓଳି ପଦାକୁ ବାହାରିବାକୁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି।

## ଯୋଡ଼ାରେ ପ୍ରବଳ ଶୀତ ଲହରି ଜାରି

# ତୁଷାରପାତ, ଜନଜୀବନ ଅସ୍ତବ୍ୟସ୍ତ

ଯୋଡ଼ା, ୨୮।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଉପତ୍ୟକାରେ ଶୁକ୍ରବାରଠାରୁ ପ୍ରବଳ ଶୀତ ଲହରି ଅନୁଭୂତ ହୋଇଛି। ଗତ ସପ୍ତାହରେ ପାରଦ ସର୍ବନିମ୍ନ ସ୍ତର ୧୨ରୁ ୧୪ ଡିଗ୍ରୀ ମଧରେ ରହିଥିବା ବେଳେ ବୁଧବାର ଓ ଗୁରୁବାର ଦୁଇଦିନ କୋହଲା ପାଗ ସହିତ ଝିପି ଝିପି ବର୍ଷା ଲାଗି ରହିଥିବାରୁ ପାରଦ ସର୍ବନିମ୍ନ ତାପମାତ୍ରା ୧୧/୧୨ ଡିଗ୍ରୀକୁ ଖସିଥିଲା। ଶୁକ୍ରବାର ମେଘୁଆ ପାଗ ଅପସରି ଯିବା ପରେ ହଠାତ୍ ପାରଦ ସର୍ବନିମ୍ନ ୫ ଡିଗ୍ରୀକୁ ଖସିଯାଇଥିଲା । ଶୁକ୍ରବାର ରାତିରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ଥିବା ଏକ ଘରୋଇ ଖଣି କମ୍ପାନୀ ପକ୍ଷରୁ ସୂଚନା ଫଳକରେ ଦର୍ଶାଯାଇଥିଲା । ଶନିବାର ଭୋର ସମୟରେ ବିଭିନ୍ନ ପାର୍କରେ ଥିବା ଘାସ ଗାଲିଚା ଓ ଯାନବାହନ ଉପରେ ତୁଷାରପାତ ହୋଇଥିବା ଲୋକେ ଦେଖିଥିଲେ। ଥଣ୍ଡାର ପ୍ରକୋପ ଏତେ ଥିଲା ଯେ, ଆଜବେଷ୍ଟସ୍ ଓ ଟିଣଘରୁ ପାଣି ଗଡ଼ିଥିଲା। ତେଣେ ପ୍ରବଳ ଶୀତ ଫଳରେ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗରିବ ଲୋକେ ଥଣ୍ଡା ଦାଉରୁ ରକ୍ଷା ପାଇଁ ନିଆଁ ଜାଳି ଉଷୁମ ହେଉଥିବା ବେଳେ ଶୀତବସ୍ତ୍ର ଓ କମ୍ବଳ ନ ଥିବାରୁ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ବାସହରା ଅତି ଗରିବ ଜନସାଧାରଣଙ୍କୁ ଶୀଘ୍ର ସରକାରୀ ଯୋଜନା ମୁତାବକ ସ୍କୁଲ ଘର କିମ୍ବା ଅନ୍ୟ କୌଣସି ସରକାରୀ ଘରକୁ ସ୍ଥାନାନ୍ତର କରିବା ସହିତ ସେମାନଙ୍କୁ ସରକାରୀ ସହାୟତାରେ ଶୀତବସ୍ତ୍ର ଯୋଗାଇ ଦିଆଯାଉ ବୋଲି ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି।

## ଘଟଗାଁରେ ଥରୁଛନ୍ତି ଲୋକେ

ଢେଙ୍କିକୋଟ, ୨୮।୧୨(ଡି.ଏନ୍.ଏ.)– କେନ୍ଦୁଝର ଜିଲା ବଣପାହାଡ଼ ଘେରା ଘଟଗାଁ ଅଞ୍ଚଳରେ ଗତକାଲିଠାରୁ ହାଡ଼ଭଙ୍ଗା ଶୀତ ଜନସାଧାରଣଙ୍କୁ ଅତିଷ୍ଠ କରିଛି। ଗତ ଦୁଇଦିନ ହେଲା ପାଗ କୋହଲା ସାଙ୍ଗକୁ ଝିପି ଝିପି ବର୍ଷା ହୋଇଥିଲା। ଗତ ଶୁକ୍ରବାର ସନ୍ଧ୍ୟାରେ ପ୍ରବଳ କୁହୁଡ଼ି ସାଙ୍ଗକୁ ଅତିମାତ୍ରାରେ ଥଣ୍ଡା ମାଡ଼ି ଆସିଥିଲା। ଯାହାକି ହାଡ଼ଭଙ୍ଗା ଶୀତ ବୋଲି ପୁରୁଣାକାଳିଆ ବୃଦ୍ଧା, ବୃଦ୍ଧ କହିଛନ୍ତି। ପିଲାଠାରୁ ବୁଢ଼ା ସମସ୍ତେ ଶୀତରେ ଥରି ଯାଉଛନ୍ତି। ଶୀତ ବସ୍ତ୍ର ପିନ୍ଧି ମଧ ଯୁବଗୋଷ୍ଠୀମାନେ ଠାଏ ଠାଏ ନିଆଁ ଲଗାଇ ନିଆଁ ତାପର ମଜା ନେଉଛନ୍ତି। ଘଟଗାଁ, ଢେଙ୍କିକୋଟ, ଅଞ୍ଚଳରେ ସକାଳ ୭ଟା ପର୍ଯ୍ୟନ୍ତ ପଦାକୁ ବାହାରି ହେଉନାହିଁ। ଶୀତ ଋତୁରେ ଏହା ପ୍ରଥମ ଶୀତ ବୋଲି କୁହାଯାଉଥିବାବେଳେ ଶୀତ ଯଦି ଏହି ମାତ୍ରାରେ ଲାଗି ରହେ ତାହାଲେ ବୃଦ୍ଧାବୃଦ୍ଧ ବୃଦ୍ଧାବୃଦ୍ଧଙ୍କ ପାଇଁ ବିପଦ ହେବ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବଜାର ଅଞ୍ଚଳରେ ପାନୀୟଜଳ ଯୋଗାଣ ବ୍ୟାହତ

ତେଲକୋଇ, ୨୮।୧୨(ଡି.ଏନ.ଏ.)

ତେଲକୋଇ ବଜାର ଅଞ୍ଚଳରେ ୩ଦିନ ହେବ ଜଳ ଯୋଗାଣ ବ୍ୟାହତ ହୋଇଛି। ଏଥିଯୋଗୁ ୪ହଜାରରୁ ଉର୍ଦ୍ଧ୍ୱ ପରିବାର ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବଜାର ଅଞ୍ଚଳକୁ ହଜାର ସଂଖ୍ୟାରେ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ପାନୀୟଜଳ ପାଇଁ ବହୁ ମହିଳା ଏବେ ସାମାକୋଇ ନଦୀ ପଠାରୁ ଜଳ ସଂଗ୍ରହ କରୁଛନ୍ତି। ସରକାର ପାନୀୟଜଳ ଯୋଗାଣ ପାଇଁ ବ୍ୟାପକ ଯୋଜନା କରୁଥିବା ବେଳେ ତେଲକୋଇ ବ୍ଲକ ମୁଖ୍ୟାଳୟରେ ଜଳ ଯୋଗାଣ ଅବସ୍ଥା ଶୋଚନୀୟ ହୋଇପଡିଛି। ଜଳ ଯୋଗାଣ ଜିଲା ଅଧିକାରୀ ଡି.ସାହୁଙ୍କୁ ପଚାରିବାରୁ ଏହି ପାନୀୟଜଳ ଯୋଗାଣ ପାଇଁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମାନସ କୁମାର ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ପାନୀୟଜଳ ଉଠାଣ ମେଶିନ ଖରାପ ହେବା ଯୋଗୁ ଜଳ ଯୋଗାଣ ବ୍ୟାହତ ହୋଇଛି। ତୁରନ୍ତ ମେଶିନ ସଜଡା ହୋଇ ପାନୀୟଜଳ ଯୋଗାଣ କରାଯିବ।



ସାମାକୋଇ ନଦୀ ପଠାରୁ ପାନୀୟଜଳ ସଂଗ୍ରହ କରୁଛନ୍ତି ଗ୍ରାମବାସୀ ।

## ଧରିତ୍ରୀ ପ୍ରଭାବ

# ରଞ୍ଜନଙ୍କୁ ମିଳିବ ଚିକିତ୍ସା ସହାୟତା

ଆନନ୍ଦପୁର, ୨୮।୧୨(ସ୍ୱ.ପ୍ର.)– ପାଠପଢା ବୟସରେ ଶାରିରୀକ ଅସୁସ୍ଥତା ପାଇଁ ଘରେ ବସିଛନ୍ତି ଯୁକ୍ତ ଦୁଇର ଛାତ୍ର ରଞ୍ଜନ(୧୫)। ଗୋଡଟି ଅସ୍ୱାଭାବିକ ଭାବେ ଫୁଲିଯାଉଥିବାରୁ ସେ ଏକୁଟିଆ ଆଉ ଚାଲବୁଲ୍ କରିପାରୁ ନ ଥିବାରୁ ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ତାଙ୍କୁ ଅଧିକ ଚିକିତ୍ସା କରିବା ସମ୍ଭବପର ହେଉନଥିଲା। ତାଙ୍କ ବାପା ଏବେ ବାର ଦୁଆରେ ଗୁହାରୀ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଘଟଣା ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବେଲଦା ଗ୍ରାମରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗତ ନଭେମ୍ବର ୧୧ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସର୍ଭ ଫର ପିପୁଲ ସ୍ୱେଚ୍ଛା ସେବୀ ଅନୁଷ୍ଠାନର ଏକ ଦଳ ପରିବାରବର୍ଗଙ୍କୁ ଶୁକ୍ରବାର ସାକ୍ଷାତ କରିଛନ୍ତି। ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବେଲଦା ଗ୍ରାମର ରମେଶ ଓଝା ଓ ମାଳତୀ ଓଝାଙ୍କ ୧୫ ବର୍ଷର ପୁଅ ରଞ୍ଜନଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇଦେବା ନିମନ୍ତେ ସର୍ଭ ଫର ପିପୁଲ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଟିମ ଲିଡର ଇଂ ଚନ୍ଦ୍ରମୌଳୀ ମହାନ୍ତିଙ୍କ ନେତୃତ୍ୱରେ ସୌମ୍ୟରଞ୍ଜନ ସାମଲ, ମମତା ବରାଳ, ଚିନ୍ମୟ ଜେନା, କିଶୋର ସିଂହ, ମହେନ୍ଦ୍ର ସାହୁ, ରଞ୍ଜିତ ଜେନା, ସୁଧାଂଶୁ ବେହେରା ପ୍ରମୁଖ ସ୍ୱେଚ୍ଛାସେବୀ ଅସହାୟ ପରିବାର ଲୋକଙ୍କୁ ଭେଟି ରଞ୍ଜନଙ୍କ ଚିକିତ୍ସା ସମ୍ପର୍କରେ ସମସ୍ତ ତଥ୍ୟ ହାସଲ କରିଥିଲେ। ପରିବାରଟି ଆର୍ଥିକ ଅଭାବରେ ଦିନ କାଟୁଥିବାରୁ ଟିମ୍ ପକ୍ଷରୁ ଛାତ୍ର ରଞ୍ଜନଙ୍କୁ ଦିଲ୍ଲୀ ଏମସ୍ ନିଆଯାଇ ଆବଶ୍ୟକୀୟ ଚିକିତ୍ସା ସୁବିଧା କରାଇବା ପାଇଁ ଉଦ୍ୟମ କରାଯିବ ବୋଲି ଟିମ୍ ଲିଡର୍ ଚନ୍ଦ୍ରମୌଳୀ ମହାନ୍ତି ସୂଚନା ଦେଇଛନ୍ତି। ଗତ ୨୩ ତାରିଖରେ ପରିବାର ପକ୍ଷରୁ ରଞ୍ଜନଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏମସ୍‌କୁ ନିଆଯାଇଥିଲା। ସେଠାରେ ଡାକ୍ତର ଦିଲ୍ଲୀ ଏମସ୍ କିମ୍ବା ଏନଆଇଏମଏସ ହାଇଦ୍ରାବାଦ୍ ରେ ଚିକିତ୍ସା କରାଇବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଡାକ୍ତରଖାନାକୁ ଯିବା ସେଠାରେ ରହି ପୁଅର ଚିକିତ୍ସା କରିବା ପରିବାରବର୍ଗଙ୍କ ପାଇଁ କଷ୍ଟସାଧ ହୋଇଥିଲା। ଫଳରେ ଘଟଣା ସମ୍ପର୍କରେ ଖବରପାଇ ଉକ୍ତ ଟିମ୍ ଶନିବାର ତାଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସାକ୍ଷାତ ଆଲୋଚନା କରିବା ସହିତ ତାଙ୍କୁ ଚିକିତ୍ସା ପାଇଁ ଦିଲ୍ଲୀ ନେବାର ସମସ୍ତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିବାରବର୍ଗ ଆଶ୍ୱସ୍ତ ଲାଭ କରିଛନ୍ତି।

## ପୁରୁଣାବାନ୍ଧଗୋଡ଼ାରେ ଯୁବ ମହୋତ୍ସବ

ଘସିପୁରା, ୨୮।୧୨ (ଡି.ଏନ.ଏ.)

ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ଗ୍ରାମରେ ତିନି ଦିନିଆ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟି ସମ୍ପାଦକ ସୌମେନ୍ଦ୍ର କୁମାର ଧୀରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବଦ୍ରି ନାରାୟଣ ପାତ୍ର, ଜଗତସିଂହପୁରର ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଶ୍ରମିକନେତା ନାରାୟଣ ଧୀର, ସରପଞ୍ଚ ପ୍ରଦୀପ କୁମାର ଧୀର, ଶିକ୍ଷାବିତ ମନୋଜ ସାମନ୍ତରାଏ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜରେ ଭାଇଚାରା ଓ ପରମ୍ପରା ବଜାୟ ରଖିବା କ୍ଷେତ୍ରରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ନାନା କ୍ଷେତ୍ରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦର୍ଶ ଶିକ୍ଷକ ଭାବେ ଅଙ୍ଗାରୁଆ ଗ୍ରାମର ବୈକୁଣ୍ଠ ନାଥ ସ୍ୱାଇଁ, ରୋଗୀସେବା ପାଇଁ ତିଗିରିଆର ଶୈଳେନ୍ଦ୍ର ବାରିକ, ସମାଜସେବା କ୍ଷେତ୍ରରେ ଖବରଦାତା ଗତିକୃଷ୍ଣ ଭୂୟାଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।



ମହୋତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିଗଣ।

# ୩୩ କେଭି ବିଦ୍ୟୁତ୍ ସଂଯୋଗକୁ ଅଞ୍ଚଳବାସୀଙ୍କ ବିରୋଧ

ଯୋଡ଼ା, ୨୮।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ତଥା ବଡବିଲ ତହସିଲ ଅନ୍ତର୍ଗତ ଜୁରୁଡିଠାରେ ଏକ କମ୍ପାନୀ ଜମି ଜବରଦଖଲ କରି ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ ତାର ସଂଯୋଗକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଜଜାଙ୍ଗ ପଞ୍ଚାୟତର ସରପଞ୍ଚ ରତ୍ନମଣି ନାଏକ, ଉକ୍ତ ପଞ୍ଚାୟତ ସମିତିସଭ୍ୟ ପ୍ରଦୀପ କୁମାର ବେହେରା, ଜୁରୁଡି ପଞ୍ଚାୟତ ସମିତିସଭ୍ୟା ଇନ୍ଦିରା ପାତ୍ର, ଜଲହରି ସମିତିସଭ୍ୟା ସୁଜାତା ହେମ୍ବ୍ରମ, ରାଜେନ୍ଦ୍ର ବାରିକ, ସେର ମହମ୍ମଦ, ହରେକୃଷ୍ଣ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ବସନ୍ତପୁରସ୍ଥିତ ଉକ୍ତ କମ୍ପାନୀ ୩ ବର୍ଷ ପୂର୍ବେ ଜୁରୁଡିଠାରେ ଏକ ସବ୍ ଷ୍ଟେସନ କରାଯିବ କହି ଭୂମି ତଳେ ଏକ ଉଚ୍ଚ ଶକ୍ତି ସଂପନ୍ନ କେବୁଲ ତାର ସଂଯୋଗୀକରଣ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଜାଣିପାରି ଏହାକୁ ପ୍ରବଳ ବିରୋଧ କରିଥିଲେ ଏବଂ ଏହି ଭୂମି ତଳେ କେବୁଲ ସଂଯୋଗୀକରଣ କାର୍ଯ୍ୟ କମ୍ପାନୀ ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ତେବେ କିଛି ଦିନ ହେବ ସେହି କମ୍ପାନୀ ପକ୍ଷରୁ ବିଦ୍ୟୁତ ଖୁଣ୍ଟ ମାଧମରେ ୩୩ କେ.ଭି ବିଦ୍ୟୁତ ତାର ସଂଯୋଗ କରାଯାଉଛି। କମ୍ପାନୀ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଥିବା ପଟ୍ଟା ଜମି ଉପରେ ଏହି ବିଦ୍ୟୁତ୍ ଖୁଣ୍ଟ ପୋତିବା କାର୍ଯ୍ୟ କରାଯାଉଛି। ଏହି ଜମିର ପଟ୍ଟାଧାରୀ କିମ୍ବା ଜମି ମାଲିକଙ୍କୁ କିଛି ନ ଜଣାଇ ଉକ୍ତ ଜମିରେ ଜବରଦସ୍ତ ମାଟି ଖୋଳି ଖୁଣ୍ଟ ପୋତାଯାଉଛି। କମଳପୁର ଗ୍ରାମର ସ୍ୱର୍ଗତ ଡମ୍ବରୁଧର ପାତ୍ରଙ୍କ ବଡବିଲ ତହସିଲ ଅନ୍ତର୍ଗତ ଏକ ଜମିରେ କମ୍ପାନୀ ପକ୍ଷରୁ ଜମିମାଲିକଙ୍କୁ ନ ଜଣାଇ ମାଟି ଖୋଳି ପ୍ରାୟ ୪ରୁ ୫ଟି ସ୍ଥାନରେ ବିଦ୍ୟୁତ ଖୁଣ୍ଟ ପୋତାଯାଇଥିବା ନେଇ ଗୁରୁ ଚରଣ ପାତ୍ର ବଡବିଲ ତହସିଲଦାରଙ୍କଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। କମ୍ପାନୀର ଏହି ଜୋରଜୁଲମ ଜମି ଜବରଦଖଲ କରି ବିଦ୍ୟୁତ ଖୁଣ୍ଟ ପୋତିବା ଏବଂ ବିପଦପୂର୍ଣ୍ଣ ଭାବେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ସଂଯୋଗୀକରଣକୁ ବିରୋଧ କରି କମ୍ପାନୀ ବିରୋଧରେ ହାଇକୋର୍ଟରେ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ଏବଂ ହାଇକୋର୍ଟ ପକ୍ଷରୁ ମଧ କମ୍ପାନୀର ଉକ୍ତ କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ହୋଇଛି। ଏହି ସ୍ଥଗିତାଦେଶକୁ ସ୍ଥାନୀୟ ଅଞ୍ଚଳବାସୀ ବଡବିଲ ତହସିଲଦାର ଓ ବାମେବାରୀ ଥାନା ଅଧିକାରୀଙ୍କୁ ଦେଇଥିବା ସେମାନେ ପ୍ରକାଶ କରିଛନ୍ତି। ତେବେ ହାଇକୋର୍ଟଙ୍କ ସ୍ଥଗିତାଦେଶକୁ ଖାତିର ନ କରି କମ୍ପାନୀ ପୋଲିସ ବଳ ଲଗାଇ ବିଦ୍ୟୁତ ସଂଯୋଗୀକରଣ କରିବାକୁ ଯାଉଥିବା ଖବର ପାଇ ଶତାଧିକ ଅଞ୍ଚଳବାସୀ ଏହାର ଦୃଢ ପ୍ରତିବାଦ କରିବାକୁ ଏକତ୍ର ହେଉଥିବା ଜଣାପଡିଛି। ସୂଚନାଯୋଗ୍ୟ ୨୦୧୫ ମସିହାରେ ଏହି କମ୍ପାନୀର ଅସ୍ଥାୟୀ ବିଦ୍ୟୁତ ସଂଯୋଗ ବେଳେ ଜୁରୁଡି ଅଞ୍ଚଳର ଜଣେ ବ୍ୟକ୍ତି ଓ କାଳିମାଟି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଏହି କାରଣରୁ ଉକ୍ତ ୩୩ କେଭି ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ ତାର ସଂଯୋଗକୁ ବିରୋଧ କରାଯାଉଥିବା ଚମକପୁର ଗ୍ରାମର ରାଜେନ୍ଦ୍ର ବାରିକ ପ୍ରକାଶ କରିଛନ୍ତି।



କମ୍ପାନୀ ପକ୍ଷରୁ ବିଛାଯାଇଥିବା ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ କେବୁଲ।